ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୫ ଜାନୁୟାରୀ, ୨୦୧୯



> ଯେଉଁ ଲୋକ ପ୍ରକୃତ ବୁଦ୍ଧିମାନ,
> ସେମାନେ ଶତ୍ରୁଠାରୁ ମଧ ଶିଖନ୍ତି।
> - ସୂର୍ଯ୍ୟଦେବ





ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସରରେ ସୋମବାର ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟାଭିନୟ।

# ଶିବ ବନ୍ଦନାରୁ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଆରମ୍ଭ



ନୃତ୍ୟ ମହୋତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୧୪।୧(ଡି.ଏନ.ଏ.)**

ଦଶମ ଶତାବ୍ଦୀରେ ନିର୍ମିତ କାରୁକାର୍ଯ୍ୟପୂର୍ଣ୍ଣ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରି ହେବାକୁ ଥିବା ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଶିବ ବନ୍ଦନାରୁ। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଛାତ୍ରୀଛାତ୍ରମାନଙ୍କ ବୃନ୍ଦଗାନରେ ପ୍ରସ୍ତୁତ କରିଥିଲେ ଶିବ ପଞ୍ଚାକ୍ଷର ସ୍ତୋତ୍ର। ଏହି ସମବେତ ସଙ୍ଗୀତକୁ ନିର୍ଦ୍ଦେଶନା ଦେଇଥିଲେ ଡ଼. ସଙ୍ଗୀତା ଗୋସାଇଁ। ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା ନୃତ୍ୟ ଶିଳ୍ପୀ ସୁରୁପା ସେନଙ୍କ ଏକକ ଓଡ଼ିଶୀ। ତାଙ୍କର ପ୍ରଥମ ଅର୍ଘ୍ୟ ଥିଲା ପାର୍ବତୀ ପଞ୍ଚକମ ପରେ ନୃତ୍ୟାଭିନୟ କେ କିସ କହିଲା ତାକୁରେ... ଏବଂ ତାଙ୍କର ଶେଷ ପ୍ରସ୍ତୁତିରେ ଥିଲା ମୀରା ଭଜନ। ଯୁଗ୍ମ ନୃତ୍ୟ କାର୍ଯ୍ୟକ୍ରମରେ ରାଜୀବ ଭଟ୍ଟାଚାର୍ଯ୍ୟ ଓ ସୁବିକାଶ ମୁଖାର୍ଜୀଙ୍କ ଦ୍ୱାରା ଭଗବତ ଗୀତା ଉପରେ ପର୍ଯ୍ୟବସିତ ଓଡ଼ିଶୀ ନୃତ୍ୟାଭିନୟ ପରିବେଷିତ ହୋଇଥିଲା। ଶେଷ କାର୍ଯ୍ୟକ୍ରମ ଥିଲା ଦଳଗତ ନୃତ୍ୟରୁ, ନୃତ୍ୟ ନୈବେଦ୍ୟର କଳାକାରମାନଙ୍କ ଦ୍ୱାରା ପ୍ରଥମେ ମଙ୍ଗଳା ଚରଣରେ ପ୍ରାତଃ ସ୍ମରାମୀ ପରେ ରାଗ ବକୁଳାବରଣ ଉପରେ ପର୍ଯ୍ୟବେଶିତ ପଲ୍ଲବୀ। ସେମାନଙ୍କର ଶେଷ ପ୍ରସ୍ତୁତିରେ ଥିଲା ଗଣେଶଙ୍କ ଜନ୍ମ ଉପରେ ଆଧାରିତ ରାସ ବିଚିତ୍ରା ଯାହା ୯ଟି ବିଭିନ୍ନ ରସ ଉପରେ ପରିବେଷିତ ନୃତ୍ୟାଭିନୟକୁ ଅତି ଚମତ୍କାର ଭାବେ ପରିବେଷଣ କରିଥିଲେ ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର କଳାକାରମାନେ। ନୃତ୍ୟାଭିନୟଟିର ସଙ୍ଗୀତ ସଂଯୋଜନା ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ତାଳ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ନୃତ୍ୟ ସରଞ୍ଜନା ପ୍ରଭାତ କୁମାର ସ୍ୱାଇଁ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବହୁ ସଂଖ୍ୟାରେ ଦର୍ଶକମାନେ ଉପଭୋଗ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ପର୍ଯ୍ୟଟନ ବିଭାଗର ସଚିବ ବିଶାଳ କୁମାର ଦେବ, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସଙ୍ଗୀତା ଗୋସାଇଁ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ. ବିଜୟ କୁମାର ଜେନା। କାର୍ଯ୍ୟକ୍ରମକୁ ଇଂ. ଡ. ଶ୍ରୀନିବାସ ଘଟୁଆରୀ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।

## ମା’ମଙ୍ଗଳାଙ୍କୁ ମକର ଚାଉଳ ଲାଗି

## ପ୍ରାଚୀ ନଦୀରେ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**କାକଟପୁର, ୧୪।୧(ଡି.ଏନ୍.ଏ.):** କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା’ମଙ୍ଗଳାଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭାବେ ମକର ନୀତି ଅନୁଷ୍ଠିତ ହୋଇଥିଲା। ସେବାୟତମାନଙ୍କ ଦ୍ୱାରା ପ୍ରସ୍ତୁତ ଫୁଲର ମକର ଚୂଳକୁ ବେଢ଼ା ପରିକ୍ରମା କରାଯିବା ପରେ ମା’ଙ୍କ ନିକଟରେ ଲାଗି କରାଯାଇଥିଲା। ନୂଆ ଅରୁଆ ଚାଉଳ, ଘିଅ, ନଡ଼ିଆ, ଗୁଡ଼, ଛେନା, ଗୋଲମରିଚ, କଦଳୀ, କ୍ଷୀରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମକର ଚାଉଳକୁ ମା’ଙ୍କ ନିକଟରେ ଲାଗି କରାଯାଇଥିଲା। ଏହି ଅବସରରେ ଧନୁ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପହିଲି ଭୋଗ ବନ୍ଦ କରାଯାଇଥିଲା। ମନ୍ଦିର ପୁରୋହିତଙ୍କ ଦ୍ୱାରା ମନ୍ଦିର ବେଢ଼ାରେ ସଂକ୍ରାନ୍ତି ହୋମ ଅନୁଷ୍ଠିତ ହୋଇଥିଲା। ସଂକ୍ରାନ୍ତି ପାଇଁ ପ୍ରାତଃରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସେହିପରି ମକର ସଂକାନ୍ତି ଅବସରରେ ପ୍ରାଚୀ ନଦୀର ବିଭିନ୍ନ ତୁଠରେ ବୁଡ଼ ପକାଇ ଶ୍ରଦ୍ଧାଳୁମାନେ ଦେବଦେବୀ ଦର୍ଶନ କରିଥିଲେ। ଶ୍ରଦ୍ଧାଳୁ ପରିବାରଙ୍କ ପକ୍ଷରୁ ମକରଚାଉଳ ପ୍ରସ୍ତୁତ କରାଯାଇ ମନ୍ଦିରରେ ଭୋଗ ଲାଗି କରାଯାଇଥିଲା। ବଳରାର ମାଧବ, ଅମରେଶ୍ୱରର କ୍ଷୀର ଗଛ ମଠ, ହିରା ପାଟଣାର ବେଲବଣମଠରେ ମକର ମେଳା ପାଳିତ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଏଠାରେ ମେଳା ଲାଗି ଥିଲା। ସଂକ୍ରାନ୍ତି ପାଇଁ ପ୍ରାଚୀ ଉପତ୍ୟକାର ମଠ ଓ ମନ୍ଦିର ଗୁଡ଼ିକ ଭକ୍ତଙ୍କ ସମାଗମରେ ଉତ୍ସବମୁଖର ହୋଇପଡ଼ିଥିଲା। ମନ୍ଦିର ପ୍ରଶାସନ ଓ କାକଟପୁରଥାନା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।



# ମହାପ୍ରଭୁଙ୍କୁ ଲାଗି ହେଲା ମକର ଚାଉଳ

**ପୁରୀ ଅଫିସ,୧୪।୧**

### ମକର ବେଶ ଦର୍ଶନ କଲେ ଭକ୍ତ

ଶ୍ରୀମନ୍ଦିରରେ ସୋମବାର ପାଳିତ ହୋଇଛି ପବିତ୍ର ମକର ପର୍ବ। ରତ୍ନସିଂହାସନରେ ଦାରୁବିଗ୍ରହ ମକର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।

ଭୋର ସମୟରେ ଦ୍ୱାର ଫିଟି ମଙ୍ଗଳ ଆଳତି, ଅବକାଶ ବଢ଼ିବା ପରେ ତ୍ରିମୁଣ୍ଡିରେ ମକର ଚୂଳ ଲାଗି ହୋଇଥିଲା। ପରେ ଠାକୁରଙ୍କ ବେଶ ହୋଇଥିଲା। ସକାଳ ଧୂପ ପରେ ୩ ବାଡ଼ରେ ମଇଲମ ହୋଇ ମହାସ୍ନାନ ବଢ଼ିଥିଲା। ଠାକୁରଙ୍କୁ ନୂଆଲୁଗା, ଚୂଳମାଳ, ୬ ମୂର୍ତ୍ତି ଅଳଙ୍କାର ଲାଗି କରାଯାଇ ବେଶ କରାଯାଇଥିଲା। ଦ୍ୱିପ୍ରହର ଧୂପ ସାଙ୍ଗରେ ଯାତ୍ରାଙ୍ଗ ଭୋଗ ରୋଷରୁ ପଟୁଆର ହୋଇ ଛାମୁକୁ ଆସିଥିଲା। ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ପାଳିଆ ପଢ଼ିଆରୀ ରବିବାର ଅଧିବାସ ହୋଇଥିବା ଚାଉଳ ଭୋଗମଣ୍ଡପ ଘରକୁ ଡାକି ଯାଇଥିଲେ। ଏହାପୂର୍ବରୁ ଶୁଦ୍ଧସୁଆର ଗୋଦାମରୁ ନଡ଼ିଆ, ଘିଅ, ମିଠା, ମସଲା ଓ ଦୁଗ୍ଧସର ଆଣିଥିଲେ। ଭୋଗ ଡାକିଯିବା ବେଳକୁ ଶୁଦ୍ଧସୁଆରମାନେ ପନ୍ତିବଡୁମାନଙ୍କଠାରୁ ରୁପା ଥାଳି ୩ଟି ନେଇ ଉକ୍ତ ଚାଉଳକୁ ମୂର୍ତ୍ତିମୂଳ କରି ରଖିଥିଲେ। ଏଥିସହ ରୋଷରୁ ମକର ୮୪ ଭୋଗ ଆସି ପନ୍ତିରେ ବଢ଼ାଯାଇଥିଲା। ମହାଭୋଇ ସେବକମାନେ ଦହି ଆଣି ମହାସୁଆରଙ୍କୁ ପ୍ରଦାନ କରିଥିଲେ। ହଡ଼ପ ନାୟକ ସେବକମାନେ ନଳିପାନ, ଛାଚିପାନ ଧରି ବଡ଼ଦେଉଳକୁ ବେଢ଼ାଏ ବୁଲି ପନ୍ତିରେ ପ୍ରଦାନ କରିଥିଲେ। ମକର ଚାଉଳ ଭୋଗ ବାହାରିବା ପରେ ଭକ୍ତମାନେ ଏହାକୁ ପାଇଥିଲେ।





### ମାଜଣା ହେଲା ନୀଳଚକ୍ର

ନବାଙ୍କ ଅବସରରେ ଚୂନରା ସେବକମାନେ ଦଧି ନଉତିରେ ଚୂନ ଲେପ କରିଥିଲେ। ପରମ୍ପରା ଅନୁଯାୟୀ, ମକରସଂକ୍ରାନ୍ତି ଅବସରରେ କଳସରେ ଗେରୁ ଲେପ ଦିଆଯାଇଥିଲା। ଅଁଳାବେଢ଼ା ଉପରି ଭାଗରେ ରାମାନନ୍ଦୀ ଚିତା ଦିଆଯାଇଥିଲା। ଏହାପରେ ଚୂନରା ସେବକମାନେ ନୀଳଚକ୍ର ମାଜଣା କରିଥିଲେ।

## ଲୋକନାଥଙ୍କୁ ଲାଗି ହେଲା ମକର ଚୂଳ

**ପୁରୀ ଅଫିସ,୧୪।୧**

ଶ୍ରୀଜଗନ୍ନାଥ ମନ୍ଦିରର ନୀତି ସହିତ ଶ୍ରୀଲୋକନାଥ ମନ୍ଦିର ନୀତି ଜଡ଼ିତ ରହିଛି। ପ୍ରସିଦ୍ଧ ମକର ପର୍ବ ଅବସରରେ ଲୋକନାଥ ଶୈବପୀଠରେ ମକର ପର୍ବ ପାଳିତ ହୋଇଛି। ଧନୁ ସଂକ୍ରାନ୍ତି ଦିନ ପାର୍ବତୀ ବାପଘରକୁ ଯାଇଥିଲେ। ମକର ସଂକ୍ରାନ୍ତିରେ ମହାଦେବଙ୍କ ପାଇଁ ଆଭୂଷଣ ଏବଂ ବ୍ୟଞ୍ଜନ ଧରି ବାପଘରୁ ଫେରିଥିଲେ। ଏହି ପରମ୍ପରା ସ୍ୱରୂପ ବାଲିସାହିସ୍ଥିତ ବରାହୀ ମନ୍ଦିରରୁ ୨ଟି ମକର ଚୂଳ ଏବଂ ମୁଆଁ ଲୋକନାଥଙ୍କ ପାଖକୁ ଯାଇଥିଲା। ମଧ୍ୟାହ୍ନ ଧୂପ ଏବଂ ବଡ଼ସିଂହାର ବେଶରେ ଠାକୁରଙ୍କୁ ମକର ଚୂଳ ଲାଗି ହୋଇଥିଲା। ସେହିପରି ବରାହୀଙ୍କ ପୀଠରୁ ଯାଇଥିବା ମକର ମୁଆଁ ଲୋକନାଥଙ୍କ ନିକଟରେ ଭୋଗ ହୋଇଥିଲା। ପଡ଼ିଯାତ୍ରା ଯୋଗାଣିଆ ଏବଂ ମନ୍ଦିର ପୂଜକ, ପାଳିଆ, ଘଣ୍ଟୁଆ, କାହଳିଆଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା।



### ଅତ୍ରିରେ ମକରମେଳା ଆରମ୍ଭ

# ଦହଲରୁ ଗୁଆ ଖୋଜିଲେ ମାନସିକଧାରୀ

**ଖୋର୍ଦ୍ଧା ଅଫିସ,୧୪।୧**

ପବିତ୍ର ମକରସଂକ୍ରାନ୍ତି ଅବସରରେ ଅତ୍ରିର ହଟକେଶ୍ୱରଙ୍କ ପୀଠରେ ସୋମବାର ଆରମ୍ଭ ହୋଇଛି ମକରମେଳା ଓ ଉଷ୍ମ ପ୍ରସ୍ରବଣଠାରେ ମକର ମହୋତ୍ସବ। ହଜାର ହଜାର ସଂଖ୍ୟାରେ ଭକ୍ତ ଅତ୍ରି ଉଷ୍ମ ପ୍ରସ୍ରବଣରେ ସୋମବାର ବୁଡ ପକାଇ ଏକାଦଶ ରୁଦ୍ର ହଟକେଶ୍ୱରଙ୍କୁ ଦର୍ଶନ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ଭୋରରୁ ଅତ୍ରି ଉଷ୍ମ ପ୍ରସ୍ରବଣ ଦହଲ(ମାନସିକ କୁଣ୍ଡ)ରେ ଶତାଧିକ ମାନସିକଧାରୀ ମହିଳା ଗୁଆ ଖୋଜିଥିଲେ। ଯାହାକି ଅତ୍ରିର ଭିନ୍ନ ଏକ ପରମ୍ପରା। ତେବେ କେତେଜଣ ମହିଳା ନିଜର ମନସ୍କାମନା ପୂରଣ ହୋଇଥିବାରୁ ସେମାନେ ନିଜ ପିଲାଙ୍କୁ ଆଣି ମୁଣ୍ଡନ କରିଛନ୍ତି। ଚିକିତ୍ସା ବିଜ୍ଞାନର ଉନ୍ନତି ଓ ବିଜ୍ଞାନ ଯୁଗରେ ଠାକୁରଙ୍କ ପୀଠକୁ ବନ୍ଧ୍ୟାନାରୀ ଗୁଆ ଖୋଜି ମା’ ହେବା ଅଲୌକିକ ଘଟଣା ବୋଲି ଲୋକେ କହୁଛନ୍ତି।



ମାନସିକ କୁଣ୍ଡରୁ ଗୁଆ ଖୋଜୁଛନ୍ତି ମାନସିକଧାରୀ ମହିଳା।

ଲୋକକଥାରୁ ଜଣାଯାଏ, ଉଷ୍ମ ପ୍ରସ୍ରବଣରେ ସ୍ନାନସାରି ହଟକେଶ୍ୱରଙ୍କ ଦର୍ଶନ କଲେ ବହୁପୁଣ୍ୟ ମିଳେ। ଅନ୍ୟପକ୍ଷରେ ଗନ୍ଧକ ଯୁକ୍ତ ଉଷ୍ମ ଜଳରେ ସ୍ନାନ କଲେ ଚର୍ମ ରୋଗ ଆରୋଗ୍ୟ

### ମନସ୍କାମନା ପୂରଣ ପରେ ଶିଶୁଙ୍କୁ କଲେ ମୁଣ୍ଡନ

ହୋଇଥାଏ ବୋଲି କୁହାଯାଏ। ମକର ମେଳା ଠାକୁରଙ୍କ ବଡପର୍ବ। ଭୋର ୩ଟାରୁ ଶ୍ରୀ ହଟକେଶ୍ୱର ଠାକୁରଙ୍କ ନୀତି ଆରମ୍ଭ ହୋଇଥିଲା। ମଙ୍ଗଳ ଆଳତି ହୋଇ ମନ୍ଦିର ଖୋଲିଥିଲା। ପ୍ରାତଃ ୪ ଟାରେ ହଟକେଶ୍ୱର ମନ୍ଦିରଠାରୁ ଅନତି ଦୂରରେ ଥିବା ଉଷ୍ମ ପ୍ରସ୍ରବଣର ଦହଲରେ ଗୁଆ ଖୋଜା ଆରମ୍ଭ ହୋଇଥିଲା। ଶହ ଶହ ସଂଖ୍ୟାରେ ମାନସିକଧାରୀ ମହିଳା ହଟକେଶ୍ୱରଙ୍କୁ ସ୍ମରଣ କରି ପୂଜା କରି ଦହଲ କୁଣ୍ଡରେ ଗୁଆ ଖୋଜିଥିଲେ। ବନ୍ଧ୍ୟା ନାରୀମାନେ ଶୁଦ୍ଧପୂତ ଭାବେ ଏହି ଦହଲରୁ ଗୁଆ ଖୋଜି ଭକ୍ଷଣ କଲେ ନିଃସନ୍ତାନ ସନ୍ତାନ ପ୍ରାପ୍ତ ହୁଅନ୍ତି ବୋଲି ପ୍ରବାଦ ରହିଛି। ଏହାକୁ ଭିତ୍ତି କରି କେଉଁ ଆବହମାନ କାଳରୁ ଏହି ଗୁଆ ଖୋଜାର ନିଆରା ପରମ୍ପରା ରହି ଆସିଛି। ଅପରାହ୍ନରେ ହଟକେଶ୍ୱର ମହାଦେବ ବିଶାଳ ପଟୁଆର ଓ ସଂକୀର୍ତ୍ତନ ମନ୍ଦିରରୁ ବାହାରି ଉଷ୍ମ ପ୍ରସ୍ରବଣରେ ପହଞ୍ଚିଥିଲେ। ସେଠାରେ ଆବାଳ ବୃଦ୍ଧବନିତା ହଟକେଶ୍ୱରଙ୍କୁ ଦର୍ଶନ କରି ମନ୍ଦିରକୁ ଫେରିଥିଲେ। ସନ୍ଧ୍ୟାରେ ଠାକୁରଙ୍କୁ ପୁରୀ ଗଜପତି ମହାରାଜାଙ୍କ ପକ୍ଷରୁ ମକର ଚାଉଳ ଭୋଗ ଲାଗି ହୋଇଥିଲା। ଏହାପରେ ମକର ଚାଉଳକୁ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ଅନ୍ୟପକ୍ଷେ ମକର ଯାତ୍ରା ଅବସରରେ ୩ ଶହରୁ ଊର୍ଦ୍ଧ୍ୱ ଦୋକାନ ଖୋଲିଛି। ଛୁଞ୍ଚିଠାରୁ ଛାଞ୍ଚୁଣି ପର୍ଯ୍ୟନ୍ତ ସମସ୍ତ ପ୍ରକାର ଜିନିଷ ଏହି ମେଳାରେ ମିଳୁଛି। ପ୍ରଥମ ଦିନ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

## ସେଲ୍‌ଫି କର୍ଣ୍ଣର



ଜଗବନ୍ଧୁ



ସୁବ୍ରତ



ଶିବାନୀ



ଶ୍ରୀମା



ତୁଷାର



ସ୍ୱର୍ଣ୍ଣମୁଦ୍ରା



ପାର୍ଥସାରଥୀ



ସୁଦର୍ଶନ



ଯେଉଁ ଦୁଃଖକୁ ପ୍ରକାଶ କରିହେବ ନାହିଁ, ତା'ଠାରୁ ବଳି ଅଧିକ ଦୁଃଖ ଆଉ କିଛି ନାହିଁ।
-ହେନେରୀ ୱାର୍ଡ୍‌ସଓର୍ଥ ଲଙ୍ଗଫେଲୋ



## ସଂକ୍ଷେପରେ

### ଘରୋଇ ସିକ୍ୟୁରିଟି ସଂସ୍ଥାର ଦାଦାଗିରି ଦରମା ମାଗିବାରୁ ଯୁବକଙ୍କୁ ମାଡ଼

ଭୁବନେଶ୍ୱର,୧୪।୧ (ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ସିକ୍ୟୁରିଟି ସଂସ୍ଥାର ଦାଦାଗିରି ଦେଖିବାକୁ ମିଳିଛି। ଉକ୍ତ ସଂସ୍ଥା ନିଯୁକ୍ତି ସମୟରେ ଦେଇଥିବା ଚୁକ୍ତି ପାଳନ କରୁନି। ବରଂ ନିଯୁକ୍ତି କରିବା ପରେ ଯୁବକମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏହିଭଳି ଅଭିଯୋଗ କରିଛନ୍ତି ନୟାଗଡ଼ ଜିଲା ଖଣ୍ଡପଡ଼ାର ଅରୁଣ କୁମାର ମାଝି। ତାଙ୍କୁ ଉକ୍ତ ସିକ୍ୟୁରିଟି ସଂସ୍ଥା ଦରମା ନ ଦେଇ ନିର୍ଯାତନା ଦେଇଥିଲା। ଦରମା ପାଇଁ ସେ ଉକ୍ତ ସଂସ୍ଥାର କାର୍ଯ୍ୟାଳୟକୁ ଯାଇଥିଲେ ମଧ ସେଠାରେ ଘରେ ବନ୍ଦ କରି ତାଙ୍କୁ ମାଡ଼ ମାରା ଯାଇଥିଲା। ସେ କୌଶଳକ୍ରମେ ଖସି ଆସି ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ମାମଲାର ସମାଧାନ ପାଇଁ ଅରୁଣଙ୍କ ଉପରେ ଚାପ ପକାଉଥିବା ସେ କହିଛନ୍ତି। ଏ ସମ୍ପର୍କରେ ତାଙ୍କ ନିକଟରେ ଖବର ନ ଥିବା ମଞ୍ଚେଶ୍ୱର ଥାନା ଅଧିକାରୀ କେ. ପି. ମିଶ୍ର କହିଛନ୍ତି।

### ରେଳ ପୋଲ ତଳେ ମୃତଦେହ

ବାରଙ୍ଗ,୧୪।୧(ଡି.ଏନ୍.ଏ.): ବାରଙ୍ଗ ଜିଆରପି ଫାଣ୍ଡି ଅଧୀନ ରତାଗଡ ରେଳ ପୋଲ ତଳେ ସୋମବାର ଅପରାହ୍ନରେ ଏକ ଅଚିହ୍ନା ମୃତଦେହ ପଡିଛି। ମୃତଦେହଟି ଜଣେ ୪୦ ବର୍ଷ ବୟସ ପୁରୁଷର ବୋଲି ଜଣାପଡିଛି। ଅପରାହ୍ନରେ କୌଣସି ଏକ ଚଳନ୍ତା ଯାତ୍ରୀବାହୀ ରେଳରୁ ଖସିପଡି ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ସେ ପାଉଁଶିଆ ରଙ୍ଗର ପ୍ୟାଣ୍ଟ, ଧଳା ରଙ୍ଗର ଟି-ଶାର୍ଟ ଓ ପାଉଁଶିଆ ରଙ୍ଗର ସୁଇଟର ପିନ୍ଧିଛନ୍ତି। ତେବେ ରାତି ପର୍ଯ୍ୟନ୍ତ ମୃତଦେହକୁ ବାରଙ୍ଗ ଜିଆରପି ଫାଣ୍ଡି ଉଦ୍ଧାର କରି ନାହିଁ। ଜିଆରପି ଫାଣ୍ଡି ଅଧିକାରୀ ହବିବୁର ରେହମନ୍‌ଙ୍କୁ ପଚାରିବାରୁ କୁହନ୍ତି, ଆମେ ନିରୁପାୟ, ଷ୍ଟେଶନ ମାଷ୍ଟର ମେମୋ ନ ଦେଲେ ମୃତଦେହ ଉଠାଇପାରିବୁ ନାହିଁ। ସେହିପରି ବାରଙ୍ଗ ରେଳ ଷ୍ଟେଶନ ମାଷ୍ଟର କୁହନ୍ତି, ସେ ସ୍ଥାନଟି ନରାଜ ଷ୍ଟେଶନ ଅଞ୍ଚଳର। ମୃତଦେହଟି ଉକ୍ତ ଜାଗାରେ ସେଭଳି ପଡିରହିଛି।

### ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ହେଉ ମାତ୍ର ସଂସ୍କାର ରହୁ

ପୁରୁଣା ଭୁବନେଶ୍ୱର, ୧୪।୧(ଡି.ଏନ୍.ଏ.): ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପାଠପଢ଼ାରେ ପ୍ରତିଯୋଗିତା ହେଉ। ଅଭିଭାବକମାନେ ସେମାନଙ୍କୁ ପାରିପାର୍ଶ୍ୱିକ ଚାଲି ଚଳଣରେ ପ୍ରତିଯୋଗିତା କରାନ୍ତୁ ହେଲେ ସଂସ୍କାରବାଦୀ ହେବା ଦରକାର। ମୋବାଇଲର ବ୍ୟବହାରକୁ ସେତେଟା ଗୁରୁତ୍ୱ ଦିଆ ନ ଯାଉ। କାରଣ ସମ୍ପ୍ରତି ଛାତ୍ରୀଛାତ୍ରମାନେ ମୋବାଇଲକୁ ଅପବ୍ୟବହାରରେ ଲଗାଇବା ଦ୍ୱାରା ଶିକ୍ଷାର ଅଧଃପତନ ହେଉଛି ବୋଲି ମତପ୍ରକାଶ ପାଇଛି। ସ୍ଥାନୀୟ ଲିଙ୍ଗିପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଅତିଥିମାନେ ଏହି ମତ ରଖିଛନ୍ତି। ମୁଖ୍ୟଅତିଥି ଭାବେ ରାଜଧାନୀ ବୁକ୍ ଫେୟାର ସଭାପତି ବିଧୁ ଭୂଷଣ ପଟ୍ଟନାୟକ, ଶିକ୍ଷାବିତ୍ ସତ୍ୟନାରାୟଣ ମିଶ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସିଆରସିର ସୋମନାଥ ବେହେରା ଏବଂ ଶିକ୍ଷାବିତ୍ ସୌରଜିତ୍ ପତି, ସ୍ଥାନୀୟ ସରପଞ୍ଚ ରୀନାରାଣୀ ବେହେରା, ପ୍ରଫୁଲ୍ଲ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ସୁଧାଂଶୁ ଶେଖର ସାମନ୍ତସିଂହାର ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### କୃଷକ ସଚେତନତା କର୍ମଶାଳା

ବାଲିପାଟଣା,୧୪।୧(ଡି.ଏନ୍.ଏ.): ଜୟଦେବ କୃଷକ ସୁରକ୍ଷା ମଞ୍ଚ ପକ୍ଷରୁ ତୁରିନ୍ତିରାସ୍ଥିତ ହରିହର ପୀଠ ଠାରେ ସୋମବାର କୃଷକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କୃଷକ ସୁରକ୍ଷା ମଞ୍ଚ ଆବାହକ ତାପସ ଜେନାଙ୍କ ସଭାପତିତ୍ୱରେ କୃଷି ବିଭାଗ ଅବସରପ୍ରାପ୍ତ ନିର୍ଦ୍ଦେଶକ ଅମରେଶ୍ୱର ମିଶ୍ର, ଉପ ନିର୍ଦ୍ଦେଶକ କ୍ଷେତ୍ରବାସୀ ଦାଶ, ଅବସରପ୍ରାପ୍ତ ଶିକ୍ଷକ ତଥା ଚାଷୀ ନନ୍ଦ କିଶୋର ଛାଟୋଇ ପ୍ରମୁଖ ଯୋଗଦେଇ ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଜୈବିକ ପଦ୍ଧତିରେ ଚାଷ କଲେ ଅମଳ ବୃଦ୍ଧି ହେବ ହେବ ବୋଲି କହିଥିଲେ। ଏହି ଅବସରରେ ଚାଷୀ ମାୟାଧର ସାହୁ, ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଓ ସୁରେଶ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନ କର୍ମକର୍ତ୍ତା ବାବୁନି ସାହୁ ଓ ସୁବାଶ ଜେନା କର୍ମଶାଳାକୁ ପରିଚାଳନା କରିଥିଲେ।

# ଓଡ଼ିଶାରୁ ବାଂଲାଦେଶକୁ ହେଉଛି ଗୋଚାଲାଣ

- ତେଲେଙ୍ଗାନାରୁ ଭଡ଼ାରେ ଆସୁଛି କଣ୍ଟେନର
- ୫ ଦିନରେ ଉଦ୍ଧାର ହେଲାଣି ୨୫୬ ଗୋରୁ

କଟକ ଅଫିସ, ୧୪।୧

ଓଡ଼ିଶାରେ ବେଆଇନ ଗୋଚାଲାଣ ବୃଦ୍ଧି ପାଇବାରେ ଲାଗିଛି। କେଉଁଠି ପୋଲିସକୁ ଚକ୍‌ମା ଦେଇ ତ କେଉଁଠି ଲାଞ୍ଚ ଦେଇ ଏହି କାରବାର ଚଳାଇଛନ୍ତି ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ହରିୟାଣା ଭଳି ରାଜ୍ୟର ମାଫିଆ। ୭ ଦିନ ମଧ୍ୟରେ କଟକର ଜଗତ୍‌ପୁର ଓ ଚୌଦ୍ୱାର ପୋଲିସ ୫ଟି କଣ୍ଟେନର ଜବତ କରିଥିବାବେଳେ ୨୫୬ ଗୋରୁଙ୍କୁ ଉଦ୍ଧାର କରିଛି। ମୋଟ ୧୫ଜଣଙ୍କୁ ଗିରଫ କରାଯାଇଛି। ନୟାଗଡ, ପୁରୀ, ଖୋର୍ଦ୍ଧା ଜିଲାରୁ ଗୋରୁଙ୍କୁ କୋଲକାତା ନିଆଯିବା ପରେ ସେଠାରୁ ବାଂଲାଦେଶ ସହିତ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡକୁ ଚାଲାଣ କରାଯାଉଛି। ତେବେ ଗୋଚାଲାଣ ପାଇଁ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା କଣ୍ଟେନରଗୁଡିକ ତେଲେଙ୍ଗାନାରୁ ଭଡ଼ାରେ ଅଣାଯାଉଛି ବୋଲି ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ପୋଲିସ ଜାଣିବାକୁ ପାଇଛି। ଜବତ କଣ୍ଟେନରଗୁଡିକର ମାଲିକଙ୍କୁ ଧରିବା ପାଇଁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି ବୋଲି ଜଗତପୁର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଉପରୋକ୍ତ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟ ରାଜ୍ୟର ହୋଇଥିବାବେଳେ ସେମାନେ ଓଡ଼ିଶାର କେତେଜଣଙ୍କ ଜରିଆରେ ଗୋରୁ କିଣି ନେଉଛନ୍ତି। ଗୋ ସୁରକ୍ଷା ଅଭିଯାନର ସଦସ୍ୟ ପ୍ରଶାନ୍ତ ଭୋଇ କୁହନ୍ତି, ବେଆଇନ ଗୋଚାଲାଣରେ ଓଡ଼ିଶାର କେତେଜଣ ପୋଲିସ ଅଫିସର ଏବଂ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଓଡ଼ିଶାର ଯେଉଁ ରାସ୍ତା ଦେଇ ଗୋଚାଲାଣ କରାଯାଉଛି ଉକ୍ତ ଅଞ୍ଚଳର ପୋଲିସକୁ ଲାଞ୍ଚ ଦିଆଯାଇ ଏଭଳି କାରବାର କରାଯାଉଛି।



ଜଣେ ଚିତ୍ରଶିଳ୍ପୀ ଶ୍ରୀ ଜଗନ୍ନାଥଙ୍କ ଚିତ୍ର ଆଙ୍କୁଛନ୍ତି।




ଭୁବନେଶ୍ୱର ସର୍କିଟ ହାଉସଠାରେ ୨୦୧୯ ସାଧାରଣ ନିର୍ବାଚନ ଲାଗି ସୋମବାର ଆୟୋଜିତ ଖୋର୍ଦ୍ଧା ଜିଲାସ୍ତରୀୟ ତାଲିମ ଶିବିରରେ ଉପସ୍ଥିତ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ।

## 'ଝରକା' ଲୋକାର୍ପିତ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଓଡ଼ିଶାର ନୂଆ ଓ ପୁରୁଣା କାହାଣୀକୁ ଲୋକଙ୍କ ନିକଟରେ ଉପସ୍ଥାପନ କରିବା ଲକ୍ଷ୍ୟରେ ଡିଜିଟାଲ ସାମାଜିକ ଗଣମାଧ୍ୟମ 'ଝରକା'ର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଔପଚାରିକ ଭାବେ ଝାରକାର ୱେବ୍ ପୋର୍ଟାଲ୍, ଫେସ୍‌ବୁକ୍, ୟୁଟ୍ୟୁବ୍ ଓ ଇନ୍‌ଷ୍ଟାଗ୍ରାମ ଚ୍ୟାନେଲର ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତ୍ରୀ ପ୍ରକୃତି ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ 'ଝରକା'ର ଲୋକାର୍ପଣ କରିଥିଲେ। ଇନ୍‌ହାଉସ୍ ସୁଟ୍ ଓ ପୋଷ୍ଟ ପ୍ରଡକ୍ସନ ସାମଗ୍ରୀ, କ୍ରୋମା ଷ୍ଟୁଡିଓ, ଷ୍ଟେଟ୍ ଅଫ୍-ଦ-ଆର୍ଟ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଦିକୁ ନେଇ ଗଠିତ ଦଳ ସହିତ ଝରକାକୁ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁ, କାର୍ଯ୍ୟକ୍ରମ ଓ ଏନ୍‌ଗେଜମେଣ୍ଟ ଆଦିକୁ ପୁନଃବିଶ୍ଳେଷଣ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହାର କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ କଥା କିଛି, ରାଗ କେଦାର, କହେ ହଳଧାରା, ଜଣେ କେହି, କଥା କବିତା, ମୋ ନୂଆ ଓଡ଼ିଶା, ଝରକା ରାଉଣ୍ଡଅପ୍ ୨୦୧୮, ଓଡ଼ିଶାର ଫେସ୍‌ବୁକ୍ ସୁପରଷ୍ଟାର ଭଳି ବିଷୟମାନ ରହିଛି।

■ ଅନ୍ତର୍ଜାତୀୟ ଧଉଳି କଳାମହୋତ୍ସବ ଉଦ୍‌ଯାପିତ

## ୩ ଚିତ୍ରଶିଳ୍ପୀଙ୍କୁ ଅନ୍ତର୍ଜାତୀୟ ଶିଳ୍ପୀ ସମ୍ମାନ

ପୁରୁଣା ଭୁବନେଶ୍ୱର, ୧୪।୧(ଡି.ଏନ.ଏ.)

୩ ଦିନ ଧରି ଶାନ୍ତିସ୍ତୂପ ଧଉଳି ପାଦ ଦେଶରେ ଆୟୋଜିତ ହୋଇ ଆସୁଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଧଉଳି କଳାମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୩ ଦିନର ଦେଶ, ବିଦେଶର ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ହୋଇଥିବା ଚିତ୍ରକଳାର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନି ଉତ୍ସବରେ ନେପାଳର ବିଶିଷ୍ଟ ଚିତ୍ର ଶିଳ୍ପୀ ବି.କେ. ନରବାହାଦୁର, କଲିକତାର ଅଲୟ ଘୋଷାଲ ଏବଂ କଟକର ପ୍ରମୋଦ ମହାନ୍ତି ୩ ଜଣ ଚିତ୍ରଶିଳ୍ପୀଙ୍କୁ ଅନ୍ତର୍ଜାତୀୟ ଶିଳ୍ପୀ ସମ୍ମାନ (International Artist Award) ପ୍ରଦାନ କରାଯାଇଥିଲା। ସେହିଭଳି ବିଦେଶରୁ ଆସି ଭାଗ ନେଇଥିବା ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ପାଦକ ମନୋରଞ୍ଜନ ପାଣିଗ୍ରାହୀ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଓଡ଼ିଶା ଲଳିତ କଳା ଏକାଡ଼େମୀ ସମ୍ପାଦକ ମାନସ ରଞ୍ଜନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଧଉଳି ଚାରୁକଳା ମହାବିଦ୍ୟାଳୟର ଏଭଳି ଏକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଯାହାଦ୍ୱାରା ଉତ୍କଳର କଳା, ସଂସ୍କୃତି ଓ ଐତିହ୍ୟ ବିଦେଶ ମାଟିରେ ଆଦୃତ ହୋଇପାରିବ। ମହାବିଦ୍ୟାଳୟର ଚେୟାରମ୍ୟାନ ଡ. ହୃଷୀକେଶ ମିଶ୍ର ସଭାପତିତ୍ୱ କରିଥିବାବେଳେ ଅଧ୍ୟକ୍ଷ ପଞ୍ଚାନନ ସାମଲ ସ୍ୱାଗତ ଭାଷଣ, ଏମ୍.କେ. ପ୍ରହରାଜ ଧନ୍ୟବାଦ ଦେଇଥିଲେ।

■ କଣ୍ଡରା ପୋଖରୀ ପୁନରୁଦ୍ଧାର ପ୍ରସଙ୍ଗ

## କର୍ପୋରେଟରଙ୍କ ସରିଯିବ କାର୍ଯ୍ୟକାଳ

ପୁରୁଣା ଭୁବନେଶ୍ୱର, ୧୪।୧(ଡି.ଏନ.ଏ.)

ରାତି ପାହିଲେ ବିଏମ୍‌ସି କର୍ପୋରେଟରମାନଙ୍କ କାର୍ଯ୍ୟକାଳ ସରୁଛି। ଗୋଟିଏ ପଟେ ବିଭିନ୍ନ ୱାର୍ଡଗୁଡିକରେ କାମ ବାକି ରହିଥିବାବେଳେ ଗଲା ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ଏବେ ପାଣିରେ ମିଳେଇବାକୁ ଯାଉଛି। ତନ୍ମଧ୍ୟରେ ଗ୍ୟାରେଜ ଛକଠାରେ ଥିବା ଐତିହ୍ୟ କଣ୍ଡରା ପୋଖରୀ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବର୍ଷବର୍ଷ ଧରି ଏହି ପରିତ୍ୟକ୍ତ ପୋଖରୀର ପୁନରୁଦ୍ଧାର ଦାବି କରି ପୋଖରୀ ଚତୁଃପାର୍ଶ୍ୱରେ ରହୁଥିବା କଲୋନୀ ବାସିନ୍ଦା ଶେଷରେ ଆଶା ଆଶଙ୍କାରେ ରହିଛନ୍ତି। ପୁଷ୍କରିଣୀ ପୁନରୁଦ୍ଧାରକୁ ନେଇ ସ୍ଥାନୀୟ ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ପୁଷ୍କରିଣୀର ପୁନରୁଦ୍ଧାର ନିମନ୍ତେ ୧୬।୫।୧୮ରେ ଏକ ଜନସ୍ୱାର୍ଥ ମାମଲା ମଧ ଆଇନଜୀବୀ ତଥା ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ ଦାଏର କରିଥିଲେ। ହାଇକୋର୍ଟଙ୍କ ପ୍ରଦତ୍ତ ପତ୍ର ନଂ. ୨୮୯୦୦ W.P (c) No. – ୮୭୬୨ ଦାଏର ହୋଇଥିଲା। ପରେ ବିଏମ୍‌ସି କାର୍ଯ୍ୟାଳୟ ପକ୍ଷରୁ ଏହାକୁ ମରାମତି କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ବିଏମ୍‌ସି କର୍ପୋରେଟରଙ୍କ କାର୍ଯ୍ୟକାଳ ସରିଯିବ। ସରକାର ଯୋଜନା ଉପରେ ଯୋଜନା କରିବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏକାମ୍ର କ୍ଷେତ୍ରର ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଥିବା କଣ୍ଡରା ପୋଖରୀକୁ ଅଣଦେଖା କରିବା କେତେଦୂର ଉଚିତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୋମବାର ଘଟଣାର ପୁନରୁଦ୍ଧାର ପ୍ରସଙ୍ଗ ନେଇ ମଞ୍ଚ ପକ୍ଷରୁ ବିଏମସି ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲେ ମଧ କୌଣସି ସନ୍ତୋଷଜନକ ଉତ୍ତର ମିଳି ପାରି ନ ଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

## ପୁସ୍ତକ କକ୍‌ଟେଲ ଲୋକାର୍ପିତ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଓଡ଼ିଆ ସାହିତ୍ୟରେ ସବୁ ବିଭାଗରେ ଲେଖକଙ୍କ ଅଭାବ ନାହିଁ। ହେଲେ ଲଳିତ ଗଦ୍ୟ ବିଭାଗରେ ପ୍ରତିଯୋଗିତା କମ୍ ଏବଂ ଶିଖିବାକୁ ଅଧିକ ମିଳେ। ତେଣୁ ଲଳିତ ଗଦ୍ୟ ଲେଖିବା ଉପରେ ଅଧିକ ଧ୍ୟାନ ଦେଉଛି। ଏହି କଥା କହିଛନ୍ତି ଲୋକାର୍ପିତ ହୋଇଥିବା ପୁସ୍ତକ 'କକ୍‌ଟେଲ' ଲେଖକ ପରଂବ୍ରହ୍ମ ତ୍ରିପାଠୀ। ସ୍ଥାନୀୟ ଏକ ହୋଟେଲରେ ତାଙ୍କର ଏହି ପୁସ୍ତକ ଲୋକର୍ପିତ ହୋଇଯାଇଛି। ଉତ୍ସବରେ ତରୁଣ କବି ସୂର୍ଯ୍ୟସ୍ନାତ ତ୍ରିପାଠୀ, ଲେଖକ ଜ୍ୟୋତି ନନ୍ଦ, ବିଜୟ ମଲ୍ଲ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ନିଜକୁ ଭଲ ଭାବରେ ସମାଲୋଚନା କରୁଥିବା ବ୍ୟକ୍ତି ହିଁ ଲଳିତ ନିବନ୍ଧ ଲେଖିପାରିବ ବୋଲି ଅତିଥିମାନେ କହିଥିଲେ। ପୁସ୍ତକରେ ୧୯୭୫ରୁ ୧୯୯୦ ମଧ୍ୟରେ ଘଟିଯାଇଥିବା ସାମାଜିକ ଘଟଣାବଳୀକୁ ଉପସ୍ଥାପିତ କରାଯାଇଛି।

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଦଳିତ ମହିଳାଙ୍କୁ ହତ୍ୟା ଘଟଣା**

ଭୁବନେଶ୍ୱର,୧୪।୧ (ବ୍ୟୁରୋ)

ପୁରୀ ଜିଲା ବ୍ରହ୍ମଗିରି ଥାନା ସାତପଡା ଫାଣ୍ଡି ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସ କୋହଳ ମନୋଭାବ ପୋଷଣ କରିଛି। ଏନେଇ ଜାତୀୟ ଦଳିତ ଆଦିବାସୀ ମାଇନରଟି ମହାସଂଘ ଓଡ଼ିଶା ପକ୍ଷରୁ ସ୍ଥାନୀୟ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସଂଘର ଅଭିଯୋଗ ମୁତାବକ, ସାତପଡା ଫାଣ୍ଡି ଅଞ୍ଚଳର ଜଣେ ବିବାହିତା ମହିଳା ଗତ ଡିସେମ୍ବର ୯ ତାରିଖ ରାତିରୁ ନିଖୋଜ ଥିଲେ। ଘର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ୧୦ ତାରିଖ ସକାଳେ ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଘରଠାରୁ ୪ କିମି ଦୂର ଏକ କାଜୁ ଜଙ୍ଗଲରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ ପୋଲିସ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଉନାହିଁ ବୋଲି ସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଏବଂ ସମ୍ପାଦକ ବିଜୟ ଭୋଇ ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ପୋଲିସ ଉପଯୁକ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ, ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛି।

■ 'ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ପର୍ଯ୍ୟଟନ' ଶୀର୍ଷକ ରାଷ୍ଟ୍ରୀୟ ଆଲୋଚନାଚକ୍ର

## ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଜନସ୍ୱାସ୍ଥ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ପର୍ଯ୍ୟଟନ' ଶୀର୍ଷକ ରାଷ୍ଟ୍ରୀୟ ଆଲୋଚନାଚକ୍ର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାର ପୂର୍ବତନ ବୈଜ୍ଞାନିକ ଡ. ଭବାନୀ ଶଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ପରେ ଜନସ୍ୱାସ୍ଥ୍ୟକୁ ସ୍ୱାସ୍ଥ୍ୟ ବିଭାଗ ଏକ ଅଙ୍ଗ ବୋଲି ପରିଗଣିତ କରିଥିଲେ ମଧ ଏହାକୁ ଉପଯୁକ୍ତ ଭାବେ ଗୁରୁତ୍ୱ ଦିଆଯାଇନାହିଁ ବୋଲି କହିଥିଲେ। ମ୍ୟାଲେରିଆ, ଏଡ୍‌ସ ଭଳି ମହାମାରୀ ରୋଗର ପର୍ଯ୍ୟାପ୍ତ କାରଣ କ'ଣ, ତାହା ଆମ ପାଖରେ ନାହିଁ। ଏହି ସବୁ ରୋଗକୁ ନିୟନ୍ତ୍ରଣ ତଥା ପ୍ରତିରୋଧ କରିବା ପାଇଁ ବିଭିନ୍ନ ଯୋଜନା ସରକାରୀ ଏବଂ ବେସରକାରୀ ସ୍ତରରେ ଚାଲୁ ରହିଥିଲେ ମଧ ସୁଫଳ ମିଳୁ ନ ଥିବା ସେ କହିଥିଲେ। ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏଜୁକେଶନର ଜୀବବିଜ୍ଞାନ ବିଭାଗ ଅଧ୍ୟକ୍ଷ ଡ. ମହେନ୍ଦ୍ର କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନସ୍ୱାସ୍ଥ୍ୟର ପ୍ରଗତିରେ ଦୂଷିତ ପରିବେଶ କିଭଳି ବାଧକ ସାଜୁଛି, ତାହା ଉପରେ ଆଲୋକପାତ କରିଥିଲେ। ଏସ୍‌ସିବି ମେଡିକାଲ କଲେଜର ପୂର୍ବତନ ନବଜାତ ଶିଶୁ ବିଶେଷଜ୍ଞ ଡା. ଶୈଳଜାନନ୍ଦନ ପରିଡ଼ା ବୈଷୟିକ କାର୍ଯ୍ୟକ୍ରମରେ ଭାଗନେଇଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ବିବେକ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟ କୁଳପତି ଡ. ଜ୍ୟୋତିର୍ମୟ ମହାପାତ୍ର ସ୍ୱାଗତ ଭାଷଣ ଏବଂ ସମ୍ମିଳନୀର ଆବାହକ ଡ. ଜ୍ୟୋତିରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଭାସ ରଞ୍ଜନ ଧନ୍ୟବାଦ ଦେଇଥିଲେ।

## ସୁନ୍ଦରପଦାରେ ମକରମେଳା ଆରମ୍ଭ

ପୁରୁଣା ଭୁବନେଶ୍ୱର, ୧୪।୧(ଡି.ଏନ.ଏ.)

ସୋମବାର ସୁନ୍ଦରପଦାସ୍ଥିତ ଶ୍ରୀ ଠାକୁର ଗୋଖିବାବାଙ୍କ ପୀଠରେ ମକର ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃ ସାଢେ ୪ ଟାରୁ ଗାଦି ପୂଜା ହେବା ପରେ ଘୃତ ଯଜ୍ଞ କରାଯାଇ ଠାକୁରଙ୍କ ଅନ୍ୟାନ୍ୟ ନୀତି ଆରମ୍ଭ କରାଯାଇଥିଲା। ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଏହି ଅବସରରେ ବାଳକାଟୀ, ବାଲିପାଟଣା, ପିପିଲି, ଖୋର୍ଦ୍ଧା, ଜଟଣୀ, କଣ୍ଟିଲୋ, ଭୁବନେଶ୍ୱରର ଅନେକ ଅଞ୍ଚଳରୁ ଶ୍ରଦ୍ଧାଳୁମାନଙ୍କ ସୁଅ ଛୁଟିଥିଲା। ଅନେକ ନିଜର ମନସ୍କାମନା ପୂର୍ଣ୍ଣ ନେଇ ୧୦୮ ନଡ଼ିଆ ବାଡେଇଥିଲେ।

## ମହର୍ଷି ବିଦ୍ୟାମନ୍ଦିର ପକ୍ଷରୁ ମହର୍ଷି ଜ୍ଞାନ ଦିବସ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ମହର୍ଷି ମହେଶ ଯୋଗୀଙ୍କ ଜନ୍ମଦିବସ ଅବସରରେ ମହର୍ଷି ବିଦ୍ୟାମନ୍ଦିର ପକ୍ଷରୁ ମହର୍ଷି ଜ୍ଞାନଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଜୟଲକ୍ଷ୍ମୀ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିକାଶ ଶିକ୍ଷାନୁଷ୍ଠାନର ମୁଖ୍ୟ ପୀତାମ୍ବର ଦାସ ଏବଂ ମୁଖ୍ୟବକ୍ତା ଭାବେ ମୃତ୍ୟୁଞ୍ଜୟ କର ଓ କଣ୍ଠଶିଳ୍ପୀ ସୋହିନୀ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ମହର୍ଷି ବିଦ୍ୟାଳୟର ମୁଖ୍ୟ ଦୀପକ କୁମାର ଗୁପ୍ତା ବିଦ୍ୟାଳୟର ଆଦର୍ଶ ଓ ବିଶେଷତ୍ୱ ସମ୍ପର୍କରେ କହିଥିଲେ। ବୈଦିକ ଜ୍ଞାନ ଏବଂ ସୁସଂସ୍କାର ଦ୍ୱାରା ପିଲାମାନେ ସୁସଙ୍ଗଠିତ ହେବା ସହ ଉତ୍ତମ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଯୁଗରେ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବେଳେ ଏହା ମାଧ୍ୟମରେ ବିଶ୍ୱଶାନ୍ତିର ବାର୍ତ୍ତା ଦେବାକୁ ସେ କହିଥିଲେ। ମୁଖ୍ୟଅତିଥି ଦାସ ଅଭିଭାବକମାନେ ନିଜ ପିଲାଙ୍କୁ ମୋବାଇଲ ଫୋନ୍, କମ୍ପ୍ୟୁଟର ଭଳି ଡିଜିଟାଲ ପ୍ଲାଟଫର୍ମଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ କଣ୍ଠଶିଳ୍ପୀ ସୋହିନୀ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

■ ରାଜ୍ୟସ୍ତରୀୟ ଆଦ୍ୟ ଶୈଶବ ପୋଷଣ କର୍ମଶାଳା

## ୩ରୁ ୬ବର୍ଷ ଶିଶୁଙ୍କ ପାଇଁ ପୋଷଣ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଜାତୀୟ ଆଦ୍ୟ ଶୈଶବ ଯତ୍ନ ଏବଂ ଶିକ୍ଷା ନୀତି-୨୦୧୩ ଅନୁଯାୟୀ ୩ରୁ ୬ବର୍ଷ ବୟସ ମଧ୍ୟରେ ଥିବା ଦେଶର ସମସ୍ତ ଶିଶୁଙ୍କ ଶାରୀରିକ, ବୌଦ୍ଧିକ, ମାନସିକ ତଥା ସାମାଜିକ ଅବସ୍ଥାର ଉନ୍ନତି ଯଥେଷ୍ଟ ଗୁରୁତ୍ୱ ବହନ କରେ। ତେଣୁ ଗର୍ଭାବସ୍ଥାଠାରୁ ୬ବର୍ଷ ମଧ୍ୟରେ ଥିବା ଶିଶୁଙ୍କର ପୋଷଣ ଏବଂ ରୋଗ ପ୍ରତିଷେଧକ ପଦକ୍ଷେପଗୁଡ଼ିକ ଠିକ୍ ଭାବେ ଅଙ୍ଗନୱାଡ଼ି କେନ୍ଦ୍ରରେ ଯୋଗାଇ ଦିଆଯାଇଥାଏ। ଏ ନେଇ ସଚେତନ କରିବାକୁ ୩ରୁ ୬ବର୍ଷ ମଧ୍ୟରେ ଥିବା ଶିଶୁଙ୍କ ଉପଯୁକ୍ତ ପୋଷଣ ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କର୍ମଶାଳା ସୋମବାର ସାଲିଆ ସାହିଠାରେ ଅନୁଷ୍ଠିତ ହୋଇଯାଇଛି।

'ମାଇଁ-ହାର୍ଟ' ସଂସ୍ଥା ଦ୍ୱାରା ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏଏନ୍ଏମ୍ ତଥା ମହିଳା ଆରୋଗ୍ୟ ସମିତିର ୧୫୦ରୁ ଉର୍ଦ୍ଧ୍ୱ ସଭ୍ୟାଙ୍କୁ ସଚେତନ କରାଯାଇଥିଲା। କର୍ମଶାଳାକୁ 'ମାଇଁ-ହାର୍ଟ'ର ମୁଖ୍ୟ ଶକ୍ତିଧର ସାହୁ ପରିଚାଳନା କରିଥିଲେ। ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ.୨୬ର କର୍ପୋରେଟର ଝୁନୁବାଳା ଦେଈ ଏବଂ ୱାର୍ଡ ନଂ.୨୦ର କର୍ପୋରେଟର ବାସନ୍ତୀ ସିଂ ଯୋଗଦେଇ ନିଜ ନିଜ ୱାର୍ଡରେ ୩ରୁ ୬ବର୍ଷ ବୟସର ଶିଶୁମାନଙ୍କ ପୋଷଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏତଦ୍‌ବ୍ୟତୀତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମୀ ଆଲୋକ ଚନ୍ଦ୍ର ମହାନ୍ତି, ଅଶୋକ ନାୟକ, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସାମନ୍ତପୁରୀର ସ୍ୱାସ୍ଥ୍ୟ ଅଧିକାରୀ, ପୋଷଣ ବିଶେଷଜ୍ଞ, ଯୋଗ ପ୍ରଶିକ୍ଷିକା ପ୍ରମୁଖ ଯୋଗଦେଇ ଶିଶୁ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଉପଯୁକ୍ତ ପୋଷଣ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। କର୍ମଶାଳାରେ ସ୍ମୃତିରଞ୍ଜନ ଜେନା, ପ୍ରଭାତ ଚନ୍ଦ୍ର ସୂତାର ଓ ଜୀବନାନନ୍ଦ ସାହୁ ଶିକ୍ଷା ଏବଂ ପୋଷଣ ବିଶେଷଜ୍ଞ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ବିଶେଷଜ୍ଞମାନଙ୍କ ପ୍ରୋତ୍ସାହନରେ ଅଂଶଗ୍ରହଣକାରୀଙ୍କଠାରୁ ଶିଶୁମାନଙ୍କ ପୋଷଣର ଉନ୍ନତି ନିମନ୍ତେ ମତାମତ ସଂଗ୍ରହ କରାଯାଇଥିଲା।




କର୍ମଶାଳାରେ ଯୋଗଦେଇଥିବା ଅତିଥି।



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### କିଡ୍‌ନୀ ରୋଗ ଆକ୍ରାନ୍ତରେ ପୁଣି ୨ ମୃତ

**ନରସିଂହପୁର,୧୪।୧(ଡି.ଏନ.ଏ.):** କିଡ୍‌ନୀ ରୋଗ ଆକ୍ରାନ୍ତରେ ସୋମବାର ପୁଣି ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ନରସିଂହପୁର ବ୍ଲକ ବସନ୍ତପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର କଣ୍ଢିଆ ବେହେରା (୬୪), ରେଗେଡା ପଞ୍ଚାୟତ ହିଞ୍ଜିଳିଖାଲର ବାଇଧାର ସାହୁ (୫୨)। ଉଭୟ ୨ ବର୍ଷରୁ ଉର୍ଦ୍ଧ୍ୱ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିଲେ। ଏହି ରୋଗ ୨୦୦୮ରୁ ନରସିଂହପୁର ଅଞ୍ଚଳରେ ବ୍ୟାପିବା ଆରମ୍ଭ କରିଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୫୦୦ ରୋଗୀଙ୍କ ମୃତ୍ୟୁ ହୋଇଥିବା କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ମାତ୍ର ବେସରକାରୀ ଭାବେ ଏହାର ସଂଖ୍ୟା ବହୁ ଅଧିକ। ଏବେ ବ୍ଲକର ବାଲିଝରୀ, ତଗିଲୋ, କଳାମାଟିଆ, ଫୁଲପଡା, ରାଉତଭୂଇଁ, ଘୋରାଡିଆ, କାକୁଡିଆ, ନିଜିଗଡ, ବାଲିସାହି, ଜିଲିଣ୍ଡା, ବସନ୍ତପୁର, ରେଗେଡା ଓ କମଳାଡିହ ଅଞ୍ଚଳର ଶହଶହ ରୋଗୀ ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି।

### ଦୁର୍ଘଟଣାରେ ଭିଣୋଇ ମୃତ, ଶଳା ଗୁରୁତର

**ନିଶ୍ଚିନ୍ତକୋଇଲି,୧୪।୧(ସ୍ୱ.ପ୍ର.):** ଏକ ସଡ଼କ ଦୁର୍ଘଟଣାରେ ସୋମବାର ଭିଣୋଇଙ୍କ ମୃତ୍ୟୁ ଘଟିଥିବାବେଳେ ଶଳା ଗୁରୁତର ହୋଇଛନ୍ତି। ଏହି ଘଟଣା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ୮ନଂ କେନାଲ ବନ୍ଧ ଓଥକା ସିଦ୍ଧେଶ୍ୱର ମହାଦେବ ମନ୍ଦିର ନିକଟରେ ଘଟିଛି। କିଶୋରନଗର ଥାନା ସୁଦୁଖଣ୍ଡ ପଞ୍ଚାୟତ ପାଟେଣୀ ଗ୍ରାମର ପ୍ରଦୀପ୍ତ ବେହେରା(୪୦) ତାଙ୍କ ଶ୍ୱଶୁରଘର ଗୋତର ପଞ୍ଚାୟତ କାହ୍ନୁପରକୁ ଆସିଥିଲେ। ଅପରାହ୍ନରେ ଶଳା ବିଚିତ୍ରାନନ୍ଦ ସାମଲଙ୍କ ବାଇକରେ ବସି ଘରକୁ ଫେରୁଥିଲେ। ବିଚିତ୍ରାନନ୍ଦ ବାଇକ୍ ଚଳାଉଥିବାବେଳେ ଭାରସାମ୍ୟ ହରାଇ ୮ନଂ କେନାଲର ଓଥକା ସିଦ୍ଧେଶ୍ୱର ମନ୍ଦିର ନିକଟରେ ଏକ ଇଲେକ୍ଟ୍ରିକ ଖୁଣ୍ଟକୁ ଧକ୍କା ଦେଇଥିଲେ। ଘଟଣା ସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଭିଣୋଇ ପ୍ରଦୀପ୍ତଙ୍କ ମୃତ୍ୟୁ ଘଟିଥିଲା। ଶଳା ବିଚିତ୍ରାନନ୍ଦ ଗୁରୁତର ହୋଇ ଏବେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମାମଲା ନଂ-୮/୧୯ ରୁଜୁ କରିଛି।

### ବ୍ୟାସକବିଙ୍କ ଜୟନ୍ତୀ

**ଆଠଗଡ଼,୧୪।୧(ସ୍ୱ.ପ୍ର.):** ଆଠଗଡ଼ ସାହିତ୍ୟ ସମାଜ ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ଇଂଲିଶ ମିଡିୟମ ସ୍କୁଲରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଉପସଭାପତି ସୁରେଶ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ସାହିତ୍ୟିକ ବିଭୂତି ଭୂଷଣ ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ସାହିତିକ ଡ. ନାରାୟଣ ପଣ୍ଡା ଫକୀର ମୋହନଙ୍କ ସାମଗ୍ରୀକ କୃତୀ ଉପରେ ଆଲୋକପାତ କରିଥିଲେ। ଆଠଗଡ଼ ସାହିତ୍ୟ ସମାଜର ସମ୍ପାଦକ ଲଲାଟେନ୍ଦୁ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୁଲିନ ମିଶ୍ର, ସ୍ୱରାଜଲକ୍ଷ୍ମୀ ଦାସ, ଯୋଗୀନାଥ ଦାଶ, ଗାୟତ୍ରୀ ଆଚାର୍ଯ୍ୟ, ପ୍ରମୋଦ କୁମାର ବିଶୋଇ ପ୍ରମୁଖ ମକର ଉତ୍ସବ ଉପରେ କବିତା ଆବୃତ୍ତି କରିଥିଲେ। ସାହିତ୍ୟ ସମାଜର ୪୦ରୁ ଉର୍ଦ୍ଧ୍ୱ ସାହିତ୍ୟିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶେଷରେ ବରିଷ୍ଠ ସଭ୍ୟ ସୁବାସ ରାଉତ ଧନ୍ୟବାଦ ଦେଇଥିଲେ।

### ଯୁବଚେତନା ଶିବିର ଉଦ୍‌ଯାପିତ

**ସାଲେପୁର,୧୪।୧(ଡି.ଏନ.ଏ.):** ଧୁବାବୁଙ୍କ ଜନ୍ମପୀଠ ସତ୍ୟଭାମାପୁରରେ ଜାତୀୟ ଯୁବ ପ୍ରକଳ୍ପ କଟକ ଶାଖା ଓ ସାଲେପୁର ବ୍ଲକ୍ ଗାନ୍ଧୀ ୧୫୦ କମିଟି ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଗାନ୍ଧୀ ଓ ବିବେକାନନ୍ଦ ଯୁବଚେତନା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଆୟୋଜକମାନଙ୍କ ପକ୍ଷରୁ ଆମ ଗାଁ-ଆମ ଏକତା ସମ୍ପର୍କିତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସତ୍ୟନାରାୟଣ ନାୟକ, ସାହିତ୍ୟିକ ଅକ୍ଷୟ ଦାଶ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଗାନ୍ଧୀ ୧୫୦ କମିଟି ବ୍ଲକ ଆବାହକ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଜଗତ୍‌ପୁର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି ଯୋଗଦେଇ ମହାତ୍ମା ଗାନ୍ଧୀ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ମଧୁସୂଦନ ଦାସ, ସମ୍ମାନିତ ଅତିଥି ପ୍ରଦୀପ ପଟ୍ଟନାୟକ, ଅନ୍ୟତମ ସମ୍ମାନିତ ଅତିଥି ପ୍ରଶାନ୍ତ କର ପ୍ରମୁଖ ଯୋଗଦେଇଥିଲେ।

# ସିଂହନାଥ ପୀଠରେ ୭୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



ସିଂହନାଥ ପୀଠରେ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

**ବାଙ୍କୀ/ବଡ଼ମ୍ବା,୧୪।୧ (ସ୍ୱ.ପ୍ର./ଡି.ଏନ.ଏ.)**

ବାଙ୍କୀ ଉପଖଣ୍ଡ ବୈଦେଶ୍ୱର ସିଂହନାଥଦେବଙ୍କ ପୀଠରେ ସୋମବାର ମକର ମେଳା ଆରମ୍ଭ ହୋଇଛି। ଏହା ୫ ଦିନ ଧରି ଅନୁଷ୍ଠିତ ହେବ। ମେଳାର ପ୍ରଥମ ଦିନରେ ପ୍ରାୟ ୭୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି। ମେଳାକୁ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର ଓ ସ୍ୱତନ୍ତ୍ର ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହାନଦୀର ଉତ୍ତର ପାର୍ଶ୍ୱ ଅର୍ଥାତ୍ ବଡ଼ମ୍ବା, ନରସିଂହପୁର ଓ ଟିଗିରିଆ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ମେଳାରେ ସାମିଲ ହୋଇଥିଲେ। ସେହିପରି ମହାନଦୀର ଦକ୍ଷିଣପାର୍ଶ୍ୱ ଅର୍ଥାତ୍ ବାଙ୍କୀ, ବୈଦେଶ୍ୱର, କଳାପଥର, ଭାପୁର, ଖଣ୍ଡପଡ଼ା ଓ ନୟାଗଡ଼ ସମେତ ଖୋର୍ଦ୍ଧା ଅଞ୍ଚଳର ଜନସାଧାରଣ ମେଳାକୁ ଆସିଥିଲେ। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ଅନୀଲ ପଟ୍ଟନାୟକ, ଆଠଗଡ଼ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ, ବଡ଼ମ୍ବା ଥାନା ଅଧିକାରୀ ସସ୍ମିତା ରଣା, ମାଣିଆବନ୍ଧ ଫାଣ୍ଡି ଅଧିକାରୀ ବସନ୍ତ ଶତପଥୀ, ବାଙ୍କୀ ତହସିଲଦାର ପଦ୍ମଲୋଚନ ସାହୁ, ବୈଦ୍ୟେଶ୍ୱର ଥାନା ଅଧିକାରୀ ମାନସ ମିଶ୍ର ଓ ଅତିରିକ୍ତ ତହସିଲାର କିଶୋର ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଦେଶ୍ୱର ଫେରି ଘାଟରେ ଆମ୍ବୁଲାନ୍ସ, ଦମ୍‌କଳ ରଖାଯିବା ସହ ଲୋକଙ୍କୁ ସୁବିଧାରେ ନଦୀ ପାର ପାଇଁ ୨୫ ଯନ୍ତ୍ରଚାଳିତ ଡଙ୍ଗା ବ୍ୟବସ୍ଥା ହୋଇଥିଲା। ଦୁର୍ଘଟଣା ଏଡ଼ାଇବା ପାଇଁ ହୁଲି ଡଙ୍ଗାରେ ଯାତାୟାତ ନିଷିଦ୍ଧ କରାଯାଇଥିଲା। ମେଳା ପରିଚାଳନା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯାଇଥିଲା।

**ମକର ମେଳା**

## ବଡ଼ବନ୍ଧିଆଣୀଙ୍କ ପୀଠରେ ୪୦ ହଜାର ଭକ୍ତ

**ଟିଗିରିଆ,୧୪।୧(ଡି.ଏନ.ଏ.)**

ଟିଗିରିଆ ଓ ବାଙ୍କୀ ଉତ୍ତର କୂଳ ଅଞ୍ଚଳର ମିଳିତ ଗଣପର୍ବ ତଥା ମା'ବଡ଼ବନ୍ଧିଆଣୀଙ୍କ ମକରମେଳା ସୋମବାର ଆରମ୍ଭ ହୋଇଛି। ଏହି ମେଳା ଦୁଇ ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିନରେ ପୀଠରେ ଟିଗିରିଆ, ଆଠଗଡ଼ ଓ ବାଙ୍କୀ ଅଞ୍ଚଳରୁ ପ୍ରାୟ ୪୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରବିବାର ସନ୍ଧ୍ୟାରେ କଳସଯାତ୍ରା ହୋଇଥିଲା। ସୋମବାର ପ୍ରତ୍ୟୁଷରୁ ପଣ୍ଡିତ ସୁଧାକର ଦାଶଶର୍ମା ଏବଂ ନିରୋଦ ଦାଶଙ୍କ ମିଳିତ ସଞ୍ଚାଳନରେ ବୈଦିକ ସେବାନୀତି ସମ୍ପାଦିତ ହୋଇଥିଲା। ଦେବୀଙ୍କ ମକର ପ୍ରସାଦ ପାଇବା ଲାଗି ଦିନ ତମାମ ଭିଡ଼ ଜମିଥିଲା। ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ସମ୍ପାଦକ ପ୍ରମୋଦ ଖଣ୍ଡୁଆ, ଉପଦେଷ୍ଟା ଅକ୍ଷୟ ଜେନା, ଅନ୍ୟ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସହାୟତା କରିଥିଲେ। ଟିଗିରିଆ ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ଜେନା ଓ ବାଙ୍କୀ ସରଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ରବିନାରାୟଣ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥାନା ପୋଲିସ ଓ ଅତିରିକ୍ତ ଫୋର୍ସ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ।



ମା'ବନ୍ଧବନ୍ଧିଆଣୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

## ବାଣେଶ୍ୱର ନାସୀ ଉତ୍ସବମୁଖର

**ନରସିଂହପୁର,୧୪।୧(ଡି.ଏନ.ଏ.)**

ପୌରାଣିକ କିମ୍ବଦନ୍ତୀ ବହନ କରୁଥିବା ନରସିଂହପୁର ବ୍ଲକ ପଦାମାଳ ଗ୍ରାମର ବାଣେଶ୍ୱର ନାସୀରେ ମକର ଉତ୍ସବ ପାଳିତ ହୋଇଛି। ବାଣେଶ୍ୱର ମକର କମିଟି ପକ୍ଷରୁ ଆୟୋଜିତ ମେଳାରେ ୩୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲେ। ଏହିଅବସରରେ ପୀଠ ଉତ୍ସବମୁଖର ହୋଇଉଠିଥିଲା। ମହାନଦୀ କୂଳ ଆମ୍ବ ତୋଟାରେ ଶହ ଶହ ଷ୍ଟଲ ପଡ଼ିଥିଲା। ମେଳାରେ ନରସିଂହପୁର ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ଭାଜପା ନେତା ବିଜୟ ଦଳବେହେରା ଯୋଗଦାନ କରିଥିଲେ। କାନପୁର ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରା ଯାଇଥିଲା। ସ୍ୱେଚ୍ଛାସେବୀମାନେ ମେଳାକୁ ଆସୁଥିବା ଗାଡିମୋଟରକୁ ନିୟନ୍ତ୍ରଣ କରିଥିଲେ। ପୂର୍ବତନ ସରପଞ୍ଚ ରାଜକିଶୋର ରାଉତ, ସନ୍ତୋଷ ରାଉତ ପ୍ରମୁଖ ସହଯୋଗ କରିଥିଲେ।



ବାଣେଶ୍ୱରନାସୀରେ ବହୁ ଭକ୍ତଙ୍କ ସମାଗମ।

## ମା' ଭଗବତୀ ପୀଠରେ ମକର ଉତ୍ସବ

**ସାଲେପୁର,୧୪।୧(ଡି.ଏନ.ଏ.)**

ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତ ବଟେଶ୍ୱର ଗ୍ରାମର ମା' ଭଗବତୀଙ୍କ ପୀଠରେ ମକର ଉତ୍ସବ ପାଳିତ ହୋଇଛି। ପ୍ରତ୍ୟୁଷରୁ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବଡ଼ପଣ୍ଡା କରୁଣାକର ଦୀକ୍ଷିତ୍, ପଦ୍ମଲାଭ ଦୀକ୍ଷିତ୍, ସରୋଜ ଦୀକ୍ଷିତ୍, ବିନାୟକ ଦୀକ୍ଷିତ୍, ପ୍ରମୋଦ ଚନ୍ଦ୍ର ଦୀକ୍ଷିତ୍‌ଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ। ସେହିପରି ଅଞ୍ଚଳର ବିଭିନ୍ନ ଶୈବପୀଠରୁ ଆରମ୍ଭ କରି ଅନ୍ୟ ଦେବଦେବୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ରେଙ୍ଗାଲୀ ଦକ୍ଷିଣପାର୍ଶ୍ୱ କେନାଲ ଡିଭିଜନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏମ୍‌ପି ଭର୍ତ୍ତୃହରି ମହତାବ, ବିଧାୟକ ଦେବୀ ମିଶ୍ର ଓ ଅନ୍ୟମାନେ।

**ବଡ଼ମ୍ବା,୧୪।୧(ଡି.ଏନ.ଏ.)**

ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଏମ୍‌ପି ଭର୍ତ୍ତୃହରି ମହତାବ ସୋମବାର ବଡ଼ମ୍ବା ଅଞ୍ଚଳଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ରେଙ୍ଗାଲୀ (ଦକ୍ଷିଣପାର୍ଶ୍ୱ)କେନାଲ୍‌ର ଡିଭିଜନ କାର୍ଯ୍ୟାଳୟ ଓ ମାଣିଆବନ୍ଧ ସବ୍‌ପୋଷ୍ଟ ଅଫିସ୍ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମାଣିଆବନ୍ଧଠାରେ ଅନୁଷ୍ଠିତ ସବପୋଷ୍ଟ ଅଫିସ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କଟକ ମଣ୍ଡଳ ପୋଷ୍ଟାଲ୍ ଅଧକ୍ଷ କୃଷ୍ଣଚନ୍ଦ୍ର ଚିନେରା ପୌରୋହିତ୍ୟ କରିଥିଲେ। ବଡ଼ମ୍ବାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଙ୍ଗାଲୀ ଦକ୍ଷିଣପାର୍ଶ୍ୱ କେନାଲର ମୁଖ୍ୟଯନ୍ତ୍ରୀ ଯୁଗଳ ତ୍ରିପାଠୀ, କଟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତପନ ମହାନ୍ତି, ବ୍ଲକ ଅଧକ୍ଷ ଅନୁସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, ବ୍ଲକ ବିଜେଡ଼ି ସଭାପତି ରବୀନ୍ଦ୍ର ସାହୁ, ବିଜେଡି କଟକ ଜିଲା ଉପସଭାପତି ରଘୁପତି ମହାନ୍ତି, ପୂର୍ବତନ ବ୍ଲକ ଅଧକ୍ଷ ପରମାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ କ୍ରିକେଟ ଜୀବନ ଜ୍ୟୋତି କ୍ଲବ ବିଜୟୀ

**ବାଙ୍କୀ,୧୪।୧(ସ୍ୱ.ପ୍ର.)**

ବାଙ୍କୀ ଆଥଲେଟିକ ଆସୋସିଏଶନ୍ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ସୋମବାର କ୍ୱାର୍ଟର ଫାଇନାଲ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ ଜୀବନ ଜ୍ୟୋତି କ୍ରିକେଟ୍ କ୍ଲବ କଳାପଥର ଓ ଭୁବନେଶ୍ୱର ନପୁଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଜୀବନ ଜ୍ୟୋତି କ୍ଲବ ନିର୍ଦ୍ଧାରିତ ୨୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିଲୀପ ପଟ୍ଟନାୟକ ୫୫ ରନ କରିଥିଲେ। ଭୁବନେଶ୍ୱରର ନପୁଟ ସମସ୍ତ ଉଇକେଟ ହରାଇ ୧୩୪ରନ୍ କରିଥିଲା। ଫଳରେ ଜୀବନ ଜ୍ୟୋତି କ୍ରିକେଟ୍ କ୍ଲବ ବିଜୟୀ ହୋଇଥିଲା। କଳାପଥର ଦଳର ସୁଶିଲ୍ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। କ୍ରୀଡ଼ାବିତ୍ ନିଶିକାନ୍ତ ପଟ୍ଟନାୟକ ଓ ଅଦିବାସୀ ହରିଜନ କଲ୍ୟାଣ ପରିଷଦ ସମ୍ପାଦକ କେଶବ ଚନ୍ଦ୍ର ବେହେରା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଦିଲୀପ ବେହେରା ଓ ଶୁଭେନ୍ଦୁ ମିଶ୍ର ଖେଳ ପରିଚାଳନା କରିଥିଲେ। ଅନନ୍ତ ପ୍ରସାଦ ମହାନ୍ତି ଓ ସୂର୍ଯ୍ୟ ରଣା ସ୍କୋରର କାର୍ଯ୍ୟ ତୁଲାଇଥିଲେ। ମନୋଜ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଯୁବ ପ୍ରତିଭାଙ୍କ ବିକାଶରେ ପ୍ରଗତି ସମ୍ଭବ

**ନେମାଳ,୧୪।୧(ଡି.ଏନ.ଏ)**

ନେମାଳ ଶାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ପରିବେଶ ବିତ୍ ତଥା ଜନମଙ୍ଗଳ ସଭାପତି ପ୍ରମୋଦ ଦାଶ ଅଧକ୍ଷତା କରିଥିଲେ। ନାଟ୍ୟକାର ଶରଣାର ବିନ୍ଦ ଓଝା ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ନେମାଳ କଲେଜ ଅଧକ୍ଷ ପ୍ରଫେସର ଅକ୍ଷୟ ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ଅଧକ୍ଷ ଡ. ଦିଲୀପ ଦେ, ବିଶିଷ୍ଟ ଅତିଥି ପ୍ରାଧାପକ ବିପିନ ବିହାରି ଦାସ, ସମ୍ମାନିତ ଅତିଥି ଓଳାଶୁଣୀ ପୀଠ ସମ୍ପାଦକ ନବକିଶୋର ସାମଲ, ଶିକ୍ଷାବିତ କ୍ଷୀରୋଦ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଯୁବ ପ୍ରତିଭାଙ୍କ ବିକାଶରେ ଦେଶର ପ୍ରଗତି ସମ୍ଭବ ବୋଲି ମତ ଦେଇଥିଲେ। ଲିସାଲି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶାସ ଅନୁଷ୍ଠାନ ପ୍ରତିଷ୍ଠାତା ତଥା ଖବରଦାତା ବିନୟ ଦାସଙ୍କ ତତ୍ତ୍ୱାବଧାନରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ବିଦ୍ୟାର୍ଥୀ ଓ ଯୁବତୀଯୁବକ ଉପସ୍ଥିତ ଥିଲେ। ଶେଷରେ ସୌମ୍ୟଦୀପ ଦେ ଧନ୍ୟବାଦ ଦେଇଥିଲେ।




ଯୁବ ଦିବସରେ ଯୋଗଦେଇଥିବା ଅତିଥି।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଉଦ୍ୟମ

**ମାହାଙ୍ଗା,୧୪।୧(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଉଦ୍ୟମ ହୋଇଛି। ଏ ନେଇ ସମ୍ପୃକ୍ତା ନାବାଳିକାଙ୍କ ପରିବାର ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଥାନା ଅନ୍ତର୍ଗତ ପଣସପୁର ପଞ୍ଚାୟତ ନଡିଆସାହାସପୁର ଗ୍ରାମର ଜଣେ ବିବାହିତ ଯୁବକ ନାବାଳିକାଙ୍କୁ ତାଙ୍କ ବାପା ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କହି ଘରୁ ନେଇ ଆସିଥିଲେ। ପରେ କେନ୍ଦୁଝରର ଅଞ୍ଚଳର ଏକ ନିର୍ଜନ ଘରେ ରଖି ବଳାତ୍କାର ଉଦ୍ୟମ କରିଥିଲେ। କୌଶଳ କ୍ରମେ ନାବାଳିକା ଜଣଙ୍କ ସେଠାରୁ ଖସିଆସି ଘରେ ଜଣାଇଥିଲେ। ଆଇଆଇସି ଯୁଗଳ କିଶୋର ଦାସ କହିଛନ୍ତି, ଅଭିଯୋଗ ପାଇବା ପରେ ଆମେ ତଦନ୍ତ ଆରମ୍ଭ କରିଛୁ। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ଖବର ଲେଖା ହେବା ବେଳକୁ ମାମଲା ରୁଜୁ ହୋଇ ନ ଥିଲା।

### ଶାହଙ୍କ ଗସ୍ତ ପୂର୍ବରୁ ୨ ଖବରଦାତା ସମ୍ମିଳନୀ

## ଦଳରେ ଫାଟ ଥିବା ଚର୍ଚ୍ଚା

**ନିଶ୍ଚିନ୍ତକୋଇଲି,୧୪।୧(ସ୍ୱ.ପ୍ର.)**

ଆସନ୍ତା ୧୮ ତାରିଖରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ମାହାଙ୍ଗା ନିର୍ବାଚନମଣ୍ଡଳୀ ଗସ୍ତ କରିବେ। ଏହି ସମୟରେ ସେ ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆ ମାର୍କେଟ ପଡିଆରେ ଆୟୋଜିତ ଏକ ସମାବେଶରେ ଯୋଗଦେବେ। ଏ ନେଇ ନିର୍ବାଚନମଣ୍ଡଳୀ ଭାଜପା ନେତା ବେଶ୍ ସକ୍ରିୟ ହୋଇ ଉଠିଛନ୍ତି। ଶାହ ତାଙ୍କ କାର୍ଯ୍ୟକ୍ରମରେ କିପରି ମିଶନ ୧୨୦+କୁ ସଫଳ କରାଯିବ ତାହା ଉପରେ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେ। ତେବେ ଶାହଙ୍କ ଏହି ଗସ୍ତ ପୂର୍ବରୁ ନିର୍ବଚନମଣ୍ଡଳୀ ଭାଜପା ସଙ୍ଗଠନରେ ଫାଟ ଦେଖା ଦେଇଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ରବିବାର ଭାଜପା ନେତା ଶାରଦା ପ୍ରଧାନ କୁଳିଆଠାରେ ଖବରଦାତା ସମ୍ମଳନୀ କରି ଶାହଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀକୁ ୨୪ ଘଣ୍ଟା ନ ପୁରୁଣୁ ଭାଜପାର ବରିଷ୍ଠ ନେତା ଚୌଧୁରୀ ପ୍ରଭାତ କେଶରୀ ମିଶ୍ର ନିଶ୍ଚିନ୍ତକୋଇଲି ବଜାରରେ ଥିବା ଦେବୀ କୃପା ମଣ୍ଡପରେ ପୁଣି ଏକ ଖବରଦାତା ସମ୍ମିଳନୀ କରି ଶାହଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହାକୁ ନେଇ ଦଳରେ ଫାଟ ଥିବା ସ୍ଥାନୀୟ ଲୋକେ ଓ ଅନ୍ୟ ଦଳରେ ନେତା ଚର୍ଚ୍ଚା କରୁଛନ୍ତି। ହେଲେ ଏହାକୁ ପ୍ରଭାତ କେଶରୀ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦଳରେ କୌଣସି ବିଭେଦ ନାହିଁ। ବରିଷ୍ଠ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ଏହି ସମ୍ମିଳନୀ କରାଯାଇଛି। ଶାରଦା କହିଛନ୍ତି, ଦଳୀୟ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ମୁଁ ଖବରଦାତା ସମ୍ମିଳନୀ କରିଥିଲି। ସମ୍ମିଳନୀକୁ ସମୀର ସାମଲଙ୍କୁ ଡକାଯାଇଥିଲେ ମଧ ସେ ଆସି ନ ଥିଲେ।

### ■ ଯୋଡ଼ମ୍ବୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ୮ମ ଦିନରେ

## ଆସିଥିବା ୨ ଡାକ୍ତର ଛୁଟିରେ ଗଲେ

**ନରସିଂହପୁର,୧୪।୧୧(ସ୍ୱ.ପ୍ର.)**

ଯୋଡ଼ମ୍ବୁଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଓ ଅନ୍ୟ ସମସ୍ୟାର ସମାଧାନ ପାଇଁ କଳିଙ୍ଗ ଲାୟନ୍ସ କ୍ଲବ ଦେଇଥିବା ଧାରଣା ୮ମ ଦିନରେ ପହଞ୍ଚିଛି। ହେଲେ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷରେ କ୍ଲବ ସଦଶ୍ୟ ଧାରଣାରେ ବସିବା ପରେ ୯ ତାରିଖରେ ୨ ଡାକ୍ତରଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା। ଉପଯୁକ୍ତ ଭିତ୍ତିଭୂମି ନ ଥିବାରୁ ସେମାନେ ରାତ୍ରିରେ ରହୁନାହାନ୍ତି। ଏବେ ବ୍ୟକ୍ତିଗତ କାରଣରୁ ୨ଜଣ ଯାକ ୪ ଦିନ ଛୁଟିରେ ରହିଛନ୍ତି। ଫଳରେ ଅଞ୍ଚଳବାସୀ ପୁଣି ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ୨ ଦିନ ପରେ ସେମାନେ କାର୍ଯ୍ୟରେ ଯୋଗ ଦେବେ ବୋଲି କାନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଦେବାଶିଷ ଜେଠୀ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରର ଉପଯୁକ୍ତ ପରିଚାଳନା ନିମନ୍ତେ ୪ ଡାକ୍ତର ନିଯୁକ୍ତି, ସେମାନଙ୍କ ଓ କର୍ମଚାରୀଙ୍କ ରହିବା ବ୍ୟବସ୍ଥା ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଭି ୨ କାଟାଗୋରୀ ମାନ୍ୟତା ପ୍ରଦାନ ଏବଂ ଭିତ୍ତିଭୂମି ନିର୍ମାଣ ଆବଶ୍ୟକ ଥିଲାବେଳେ ଏ ପର୍ଯ୍ୟନ୍ତ କିଛି ହୋଇନାହିଁ। ଏସବୁ ସତ୍ତ୍ୱେ ପ୍ରଶାସନର ନୀରବତା ଯୋଗୁ ଯୋଡମ୍ବୁଁ ପ୍ରଗଣା ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଆଗାମୀ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ପାଇଁ ଜନ ଆନ୍ଦୋଳନ କରାଯିବ ବୋଲି କ୍ଲବ ସମ୍ପାଦକ ପବିତ୍ର ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଚେତବାନୀ ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେବେ ପ୍ରଶାସନ ଏ ଦିଗରେ ତତ୍ପର ହେଉଛି।



ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଥିବା କଳିଙ୍ଗ ଲାୟନ୍ସ କ୍ଲବ କର୍ମକର୍ତ୍ତା ଓ ଅନ୍ୟମାନେ।



"ଯେଉଁ ଦୁଃଖକୁ ପ୍ରକାଶ କରିହେବ ନାହିଁ, ତା'ଠାରୁ ବଳି ଅଧିକ ଦୁଃଖ ଆଉ କିଛି ନାହିଁ।
-ହେନେରୀ ୱାର୍ଡ୍‌ସଓର୍ଥ ଲଙ୍ଗଫେଲୋ



## ସଂକ୍ଷେପରେ

### ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

**ଚୌଦ୍ୱାର, ୧୪।୧ (ଡି.ଏନ୍.ଏ.):** ୫୫ନଂ. ଜାତୀୟ ରାଜପଥରେ ସୋମବାର ସଡକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେନ୍ଦ୍ରାପଡା ଜିଲା ବୀରନୀଳକଣ୍ଠପୁର ଗ୍ରାମର ନଳିନୀ ସିଂ। ଏଥିରେ ତାଙ୍କ ସ୍ୱାମୀ ସୁଶାନ୍ତ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ସୁଶାନ୍ତ ଓ ନଳିନୀ ଏକ ବାଇକ୍‌ରେ ଚୌଦ୍ୱାରରୁ ମଙ୍ଗୁଳି ଅଭିମୁଖେ ଯାଉଥିବାବେଳେ ନୁନଟିକିରି ହାଇଲେବଲ କେନାଲ ଗଡାଠାରେ ଏକ ଟ୍ରକ୍ ପଛରୁ ସେମାନଙ୍କୁ ଅତିକ୍ରମ କରିଥିଲା। ଏହାପରେ ଟ୍ରକ ପଛରେ ଜଣେ ମହିଳା ପଡିଥିବା ଦେଖି ସ୍ଥାନୀୟ ଲୋକେ ଉକ୍ତ ଟ୍ରକକୁ ଅଟକାଇଥିଲେ। ଟ୍ରକ ଡ୍ରାଇଭର ଭୟଭୀତ ହୋଇ ଗାଡି ନେଇ ଥାନାରେ ଆତ୍ମ ସମର୍ପଣ କରିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସଂଜ୍ଞାହୀନ ଅବସ୍ଥାରେ ମହିଳା ଓ ଆହତ ହୋଇଥିବା ତାଙ୍କ ସ୍ୱାମୀଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ନଳିନୀଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାହେଲା ବେଳକୁ ମୃତକଙ୍କ ପରିବାର ପକ୍ଷରୁ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛନ୍ତି।

### ଦେବେନ୍ଦ୍ରଙ୍କୁ କମିଶନରେଟ୍ ପୋଲିସର ସମ୍ବର୍ଦ୍ଧନା

**କଟକ ଅଫିସ,୧୪।୧:** ଶାନ୍ତିଶୃଙ୍ଖଳାରେ ପାର୍ବଣ ଆୟୋଜନ କରିଥିବା ଯୋଗୁ ଛତ୍ରବଜାର ପୂଜା କମିଟିକୁ କମିଶନରେଟ୍ ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପୂଜା କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା। ଭୁବନେଶ୍ୱରର କମିଶନରେଟ ପୋଲିସ କାର୍ଯ୍ୟାଳୟରେ ଏକ ଉତ୍ସବ ଅବସରରେ ଦେବେନ୍ଦ୍ରଙ୍କ କାର୍ଯ୍ୟଶୈଳୀ ଓ ଶାନ୍ତିଶୃଙ୍ଖଳା ବଜାୟ ଦିଗରେ ପ୍ରଶଂସା କରାଯିବା ସହ ଆଗାମୀ ଦିନରେ ଭାଇଚାରା ବଜାୟ ରଖିବାକୁ କୁହାଯାଇଥିଲା। ଦେବେନ୍ଦ୍ର ଛତ୍ର ବଜାର ପୂଜା କମିଟି ସମେତ କଟକ ମହାନଗର ଶାନ୍ତି କମିଟିର ସଭାପତି ମଧ ଅଟନ୍ତି।

### ରୋଟାରୀ ଚକ୍ଷୁ ଚିକିତ୍ସାଳୟର ପ୍ରତିଷ୍ଠା ଦିବସ

**କଟକ ଅଫିସ, ୧୪।୧:** କଟକସ୍ଥିତ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଏବଂ ଗବେଷଣା ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ସୋମବାର ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଅନ୍ଧତ୍ୱ ଦୂରୀକରଣ ଏବଂ ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ରୋଟାରୀ ଚିକିତ୍ସାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ହର ପ୍ରସାଦ ପଟ୍ଟନାୟକ, ରୋଟାରୀ କ୍ଲବ ଅଫ୍ କଟକର ସଭାପତି ବସନ୍ତ ସାହୁ, ଚିକିତ୍ସାଳୟର ଅଧ୍ୟକ୍ଷ ରଘୁବୀର ଦାସ, ସଭାପତି ଡା. ସୀତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଚିକିତ୍ସାଳୟର ପରିଚଳାନା ଅଧିକାରୀ ଆଲୋକ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋଲକାତା ଦେଇ ବାଂଲାଦେଶକୁ ହେଉଛି ଗୋଚାଲାଣ

- ତେଲେଙ୍ଗାନାରୁ ଭଡ଼ାରେ ଆସୁଛି କଣ୍ଟେନର
- ୫ ଦିନରେ ଉଦ୍ଧାର ହେଲାଣି ୨୫୬ ଗୋରୁ

**କଟକ ଅଫିସ, ୧୪।୧**

ଓଡ଼ିଶାରେ ବେଆଇନ ଗୋଚାଲାଣ ବୃଦ୍ଧି ପାଇବାରେ ଲାଗିଛି। କେଉଁଠି ପୋଲିସକୁ ଚକ୍‌ମା ଦେଇ ତ କେଉଁଠି ଲାଞ୍ଚ ଦେଇ ଏହି କାରବାର ଚଳାଇଛନ୍ତି ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ହରିୟାଣା ଭଳି ରାଜ୍ୟର ମାଫିଆ। ୭ ଦିନ ମଧ୍ୟରେ କଟକର ଜଗତ୍‌ପୁର ଓ ଚୌଦ୍ୱାର ପୋଲିସ ୫ଟି କଣ୍ଟେନର ଜବତ କରିଥିବାବେଳେ ୨୫୬ ଗୋରୁଙ୍କୁ ଉଦ୍ଧାର କରିଛି। ମୋଟ ୧୫ଜଣଙ୍କୁ ଗିରଫ କରାଯାଇଛି। ନୟାଗଡ, ପୁରୀ, ଖୋର୍ଦ୍ଧା ଜିଲାରୁ ଗୋରୁଙ୍କୁ କୋଲକାତା ନିଆଯିବା ପରେ ସେଠାରୁ ବାଂଲାଦେଶ ସହିତ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡକୁ ଚାଲାଣ କରାଯାଉଛି। ତେବେ ଗୋଚାଲାଣ ପାଇଁ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା କଣ୍ଟେନରଗୁଡିକ ତେଲେଙ୍ଗାନାରୁ ଭଡ଼ାରେ ଅଣାଯାଉଛି ବୋଲି ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ପୋଲିସ ଜାଣିବାକୁ ପାଇଛି। ଜବତ କଣ୍ଟେନରଗୁଡିକର ମାଲିକଙ୍କୁ ଧରିବା ପାଇଁ ପୋଲିସ ପ୍ରକ୍ରିୟା ଆରମ୍ଭ କରିଛି ବୋଲି ଜଗତପୁର ଥାନା ଅଧିକାରୀ ବିରଞ୍ଚି ନାରାୟଣ ପତି କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ, ଉପରୋକ୍ତ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟ ରାଜ୍ୟର ହୋଇଥିବାବେଳେ ସେମାନେ ଓଡ଼ିଶାର କେତେଜଣଙ୍କ ଜରିଆରେ ଗୋରୁ କିଣି ନେଉଛନ୍ତି। ଗୋ ସୁରକ୍ଷା ଅଭିଯାନର ସଦସ୍ୟ ପ୍ରଶାନ୍ତ ଭୋଇ କୁହନ୍ତି, ବେଆଇନ ଗୋଚାଲାଣରେ ଓଡ଼ିଶାର କେତେଜଣ ପୋଲିସ ଅଫିସର ଏବଂ କର୍ମଚାରୀଙ୍କ ସମ୍ପୃକ୍ତି ରହିଛି। ଓଡ଼ିଶାର ଯେଉଁ ରାସ୍ତା ଦେଇ ଗୋଚାଲାଣ କରାଯାଉଛି ଉକ୍ତ ଅଞ୍ଚଳର ପୋଲିସକୁ ଲାଞ୍ଚ ଦିଆଯାଇ ଏଭଳି କାରବାର କରାଯାଉଛି।



ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ସୋମବାର ଅନୁଷ୍ଠିତ ପୋଙ୍ଗଲ ଫେଷ୍ଟିଭାଲର ପ୍ରଥମ ଦିବସରେ କଟକ ସୂତାହାଟ ତନ୍ତୀ ସାହି ଅଞ୍ଚଳରେ ଅଗ୍ନିଦେବତାଙ୍କୁ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି।

# ଡମଡମଣୀ ପୀଠରେ ମକର ମେଳା

**ଚୌଦ୍ୱାର, ୧୪।୧(ଡି.ଏନ୍.ଏ.)**



ମକର ସଂକ୍ରାନ୍ତି ଅବସରରେ ସୋମବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ କୋଚିଲା ନୂଆଗାଁ ନିକଟ ମା' ଡମଡମଣୀଙ୍କ ପୀଠରେ ମକର ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ନିକଟରେ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ, କଟକ ଜିଲା, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଆଦି ଅଞ୍ଚଳରୁ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଉକ୍ତ ପୀଠରେ ସାରାଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବନଦୁର୍ଗା ପରିଚାଳନା ସମିତି ପକ୍ଷରୁ ମେଳାରେ ଆଶୁ ଚିକିତ୍ସା କେନ୍ଦ୍ର, ପାନୀୟ ଜଳ ଯୋଗାଣ ଓ ସୂଚନାକେନ୍ଦ୍ର ଖୋଲାଯାଇଥିଲା। ବନ ବିଭାଗର ଏସିଏଫ ମନୋରଞ୍ଜନ ସ୍ୱାଇଁ, ବନପାଳ ରବିନାରାୟଣ ମହାନ୍ତି, ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ମେଳାରେ ଉପସ୍ଥିତ ଥିଲେ। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଚୌଦ୍ୱାର ଥାନା ଆଇଆଇସି ଯତିନ୍ଦ୍ର ନାଥ ସେଠୀଙ୍କ ସମେତ ୨୦ଜଣ ପୋଲିସ ଅଧିକାରୀ, ୪ ପ୍ଲାଟୁନ୍ ଫୋର୍ସ ଓ ୪୦ଜଣ ହୋମଗାର୍ଡ ମୁତୟନ ହୋଇଥିଲେ। ଡମଣୀ ଜଙ୍ଗଲ ହାତୀ ଉପଦ୍ରବ ଅଞ୍ଚଳ ହୋଇ ଥିବାରୁ ସନ୍ଧ୍ୟା ୫ଟା ପୂର୍ବରୁ ଶ୍ରଦ୍ଧାଳୁମାନେ ମେଳାସ୍ଥାନ ଛାଡି ଚାଲି ଯିବା ପାଇଁ ଉଭୟ ପୋଲିସ ଓ ବନ ବିଭାଗ କର୍ମକର୍ତ୍ତା ଡାକବାଜି ଯନ୍ତ୍ର ଦ୍ୱାରା ସୂଚନା ପ୍ରଦାନ କରୁଥିବା ଦେଖିବାକୁ ମିଳିଥିଲା। ବନଦୁର୍ଗା ପରିଚାଳନା ସମିତି ସଭାପତି ଜୟନ୍ତ କୁମାର ପାତ୍ର ଓ ସମ୍ପାଦକ ରବୀନ୍ଦ୍ର ରାଉତଙ୍କ ସମେତ ସମସ୍ତ ସଦସ୍ୟ ମେଳା ପରିଚାଳନା କରିଥିଲେ।

# ପରମହଂସନାଥ ଦେବଙ୍କ ଟ୍ରଷ୍ଟବୋର୍ଡ ଗଠିତ

**କଟକ ସଦର, ୧୪।୧ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ପରମହଂସନାଥ ଦେବଙ୍କ ନୂତନ ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟବୋର୍ଡ ଗଠନ କରାଯାଇଛି। ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ନୂତନ ଟ୍ରଷ୍ଟବୋର୍ଡ ଗଠନ ସଂକ୍ରାନ୍ତୀୟ ନିର୍ଦ୍ଦେଶାନାମା ଜାରି କରାଯାଇଛି। କଟକ ସଦର ଉପଜିଲାପାଳଙ୍କ ସମେତ ସୁରେନ୍ଦ୍ର କୁମାର ସାହୁ, ଲକ୍ଷ୍ମୀଧର ରାଉତ, ବିଭୂତି ଭୂଷଣ ରାଉତରା ଓ ସୁଶୀଳ କୁମାର ଦଳାଇ ଟ୍ରଷ୍ଟି ଭାବେ ମନୋନୀତ ହୋଇଛନ୍ତି। ପ୍ରାୟ ୧ ବର୍ଷ ଧରି ସ୍କିମ୍ ଟ୍ରଷ୍ଟବୋର୍ଡ ଗଠନ ନ ହୋଇପାରିବାରୁ ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। କାରଣ ବିଧାନସଭାରେ ଓଡ଼ିଶା ହିନ୍ଦୁ ଧର୍ମ ଦେବୋତ୍ତର ଆଇନ ୧୯୫୧ରେ ପରିବର୍ତ୍ତନ କରାଯାଇଛି। ପ୍ରସ୍ତାବଟି ବିଧାନସଭାରେ ଗୃହୀତ ହୋଇଥିଲେ ମଧ ରାଜ୍ୟପାଳଙ୍କ ଅନୁମୋଦନ ସହ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇନାହିଁ। ତେଣୁ ସ୍ଥାୟୀ କମିଟି ଗଠନରେ ଦ୍ୱନ୍ଦ୍ୱ ଉପୁଜିଥିଲା। ଏହି ଟ୍ରଷ୍ଟବୋର୍ଡ ସ୍କିମ୍ ଟ୍ରଷ୍ଟବୋର୍ଡ ଗଠନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଆଦେଶ ସଂଖ୍ୟା ୩୩୩(୫)/୧୧।୧।୧୯ରେ ଆୟୁକ୍ତ ବି.ପି. ଦତ୍ତ ସ୍ପଷ୍ଟ କରିଛନ୍ତି।

# ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଥିଲେ ଫକୀରମୋହନ



ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳନ ଅବସରରେ ଯୋଗ ଦେଇଥିବା ବ୍ୟକ୍ତିବୃନ୍ଦ।

**କଟକ ଅଫିସ, ୧୪।୧**

କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ତେଲେଙ୍ଗାବଜାରସ୍ଥ ରଘୁନାଥଜୀଉ ମନ୍ଦିରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ନରସିଂହ ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧା ଥିଲେ ଫକୀରମୋହନ। ଓଡ଼ିଆ ସାହିତ୍ୟ ସାଧନାରେ ନିଜର ସମ୍ପୂର୍ଣ୍ଣ ଜୀବନ ଉତ୍ସର୍ଗ କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ତାଙ୍କର ଦାନ ଅତୁଳନୀୟ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ। ଅର୍ଜୁନ ମହାକୁଳ, ସୁରେନ୍ଦ୍ର ନାଥ ଛୋଟରାୟ, ବନଲତା ସିଂହ, ଉତ୍ତମ ପ୍ରଧାନ, ବୈଷ୍ଣବ ପରିଡ଼ା, ଗଗନ ମେହେର, ପ୍ରଫୁଲ୍ଲ ପଟ୍ଟନାୟକ, ମାଧବ ମିଶ୍ର, ବିଦ୍ୟୁତ ଲାଲା, ଇଂ. ଆକାଶ ଭୂୟାଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଉତ୍କଳ ସାହିତ୍ୟ କଳା ପରିଷଦ ପକ୍ଷରୁ ସୋମବାର ଦୋଳମୁଣ୍ଡାଇ ନୀଳାଚଳ ସମବାୟ ଭବନଠାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ଡ. ବାବାଜୀ ଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ଭାଗବତ ଶୁକ୍ଳ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ, ପ୍ରଫେସର ଉମାଶଙ୍କର, ଅମ୍ବିକା ପ୍ରସାଦ ମହାପାତ୍ର, ଗୌତମ କୁମାର କର, ବିଜୟଲକ୍ଷ୍ମୀ ଜେନା, ପୁରୁଷୋତ୍ତମ ରାଉତ, ତ୍ରିବିକ୍ରମ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ରବିନାରାୟଣ ରଥ ଧନ୍ୟବାଦ ଦେଇଥିଲେ।

# ୧୫ ଦିନ ପରେ ସୁସ୍ଥ ହେଲେ ଶୋଭନେଶ୍ୱର

- ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ
- ମକରଚାଉଳ ଭୋଗ ଲାଗିହେଲା

**ନିଆଳି, ୧୪।୧(ଡି.ଏନ୍.ଏ.)**

ନିଆଳିର ଶୋଭନେଶ୍ୱର ମନ୍ଦିରରେ ମକର ପର୍ବ ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ, ଗତ ୧୫ ଦିନ ହେବ ମହାଦେବ ଅସୁସ୍ଥ ଥିଲେ। ଫଳରେ ଏହି ଦିନଗୁଡିକରେ ମହାଦେବଙ୍କ ନିକଟରେ ଘଣ୍ଟଘଣ୍ଟା ବାଜିବା ବନ୍ଦ ହେବା ସହ ଜଳଲାଗି ହୁଏନାହିଁ। ଏହାପରେ ବିଭିନ୍ନ ଚେରମୂଳିରେ ପ୍ରସ୍ତୁତ ମଲମକୁ ଠାକୁରଙ୍କ ଦେହରେ ଲାଗି କରାଯାଇ ସ୍ୱତନ୍ତ୍ର ଘୋଡଣିରେ ଘୋଡାଯାଇ ରଖାଯାଇଥାଏ। ମକର ସଂକ୍ରାନ୍ତିରେ ମହାପ୍ରଭୁ ସୁସ୍ଥ ହୁଅନ୍ତି। ପରେ ଠାକୁରଙ୍କୁ ଶୁଦ୍ଧ ଜଳରେ ସ୍ନାନ କରାଯିବା ସହ ଜଳଲାଗି କରାଯାଇଥିଲା। ଏହାପରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିଲେ। କିମ୍ବଦନ୍ତୀ ଅନୁଯାୟୀ, ଜନୈକ ଗୋପାଳଙ୍କ ଗାଈ ସବୁଦିନ ଘରେ କ୍ଷୀର ନ ଦେଇ ବାହାରେ କ୍ଷୀର ଦେଉଥିଲା। ଗୋପାଳ ଜଣଙ୍କ ଦିନେ ଗାଈର ପିଛା କରି କରି ଦେଖିବାକୁ ପାଇଥିଲା ଯେ, ଏକ ବୁଦାମୂଳ ହୁଙ୍କା ନିକଟରେ ଗାଈ ଆପେ ଆପେ କ୍ଷୀର ଦେଉଛି। ଏହା ଦେଖି ଗୋପାଳ ରାଗି ଯାଇ ହାତରେ ଧରିଥିବା ବାଡିକୁ ଗାଈ ଉପରକୁ ଫୋପାଡିଥିଲା। ମାତ୍ର ବାଡି ଗାଈ ଦେହରେ ନ ବାଜି ଉକ୍ତ ହୁଙ୍କାରେ ବାଜିଥିଲା। ଏହାପରେ ହୁଙ୍କା ଦେହରୁ ରକ୍ତସ୍ରାବ ହୋଇଥିଲା। ଏହା ଦେଖି ଗୋପାଳ ଭୟଭୀତ ହୋଇଯାଇଥିଲା। ଏହି ସମୟରେ ଶୋଭନେଶ୍ୱର ମହାଦେବ ସେଠାରେ ଆବିର୍ଭାବ ହୋଇ ଉକ୍ତ ଗୋପାଳଙ୍କୁ ଦର୍ଶନ ଦେଇ ପାତାଳଗାମୀ ହୋଇଥିଲେ। ଏହାପରେ ଜମିଦାରଙ୍କୁ ସ୍ୱପ୍ନାଦେଶ ହେବାରୁ ଏଠାରେ ଶିବ ମନ୍ଦିର ନିର୍ମାଣ କରାଯାଇ ଏହି ପରମ୍ପରାକୁ ପାଳନ କରାଯାଉଛି ବୋଲି ସେବାୟତ ଗୋଲେଖ ମହାପାତ୍ର, ଉପେନ୍ଦ୍ର ମହାପାତ୍ର, ଅଭିନ୍ନ ମହାପାତ୍ର କହିଛନ୍ତି। ସେହିପରି ମକର ସଂକ୍ରାନ୍ତି ଉପଲକ୍ଷେ ଠାକୁରଙ୍କ ନିକଟରେ ମକରଚାଉଳ ଭୋଗ ଲାଗି କରାଯାଇଥିଲା।

# ଦି ସାଇନ୍ ଅଫ୍ ସନ୍ଧ୍ୟା ସଙ୍ଗଠନର ପ୍ରତିଷ୍ଠା ଦିବସ

**କଟକ ଅଫିସ, ୧୪।୧**

ସାମାଜିକ ସଙ୍ଗଠନ ଦି ସାଇନ୍ ଅଫ୍ ସନ୍ଧ୍ୟାର ପ୍ରତିଷ୍ଠା ଦିବସ କଟକ ଟାଉନ୍ ହଲ୍‌ରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦୂଷିତ ପର୍ଯ୍ୟାବରଣ, ଦୂଷିତ ଜଳବାୟୁ ଆଜିର ସମାଜ ପାଇଁ ଏକ ଚିନ୍ତାର ବିଷୟ ହୋଇଛି। ଖାଲି ରାଜ୍ୟ ନୁହେଁ ଦେଶ ଓ ବିଶ୍ୱ ପାଇଁ ଏହା ଏକ ବିଷମ ସମସ୍ୟା ରୂପେ ଦେଖାଦେଇଛି। ଦି ସାଇନ ଅଫ୍ ସନ୍ଧ୍ୟା ବୃକ୍ଷରୋପଣ ସହ ପରିବେଶ ସୁରକ୍ଷା ଚିନ୍ତାକୁ ପାଥେୟ କରି ଏହି ସାମାଜିକ ଅନୁଷ୍ଠାନ ପ୍ରତିଷ୍ଠିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ଦଳାଇଙ୍କ ନେତୃତ୍ୱରେ ଅନୁଷ୍ଠାନର ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏସ୍. ନାଇଡୁ ଓ ସମ୍ମାନିତ ଅତିଥି ଭାବେ ବାଙ୍କୀ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଶୁଭଶ୍ରୀ ଦାସ, ଡା. ରୀନା ରାଉତରାୟ, ଅଖିଳ ଭାରତ ହିନ୍ଦୁ ମହାସଭାର ଯୁବ ସଭାପତି ସବ୍ୟସାଚି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଧୁମିତା ରାୟଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ।

# ଧବଳେଶ୍ୱରରେ ୧୫ ହଜାର ଭକ୍ତ

**ଖୁଣ୍ଟୁଣୀ,୧୪।୧(ଡି.ଏନ୍.ଏ.)**

ପବିତ୍ର ମକର ସଙ୍କ୍ରାନ୍ତି ଅବସରରେ ସୋମବାର ଆଠଗଡର ପ୍ରସିଦ୍ଧ ଶୈବ ପୀଠ ବାବା ଧବଳେଶ୍ୱରଙ୍କୁ ପ୍ରାୟ ୧୫ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିବା ଦେବୋତ୍ତର ବିଭାଗ ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ୧୦୬ପୂଜକଙ୍କ ପରିବାର ପକ୍ଷରୁ ପ୍ରାୟ ୨ କୁଇଣ୍ଟାଲ ଅରୁଆ ଚାଉଳରେ ୧୬ବ୍ୟଞ୍ଜନ ମିଶ୍ରିତ ଶୁଦ୍ଧ ଭୋଗକୁ ଧବଳେଶ୍ୱରଙ୍କୁ ଲାଗି କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯାଇଥିବା ପୂଜକ ସମାଜର ଭରତଚନ୍ଦ୍ର ପତ୍ରୀ କହିଛନ୍ତି। ପ୍ରତ୍ୟୁଷ ସାଢେ ୪ଟାରୁ ମହାପ୍ରଭୁଙ୍କ ନୀତି ପରେ ସାଢେ ୫ଟାରେ ଦ୍ୱାର ଖୋଲାଯାଇଥିଲା। ଅପରାହ୍ନ ସାଢେ ୧ଟା ବେଳେ ମକର ଭୋଗ ଲାଗି ହେବା ପରେ ପ୍ରାୟ ୨ଟା ୧୦ରେ ଧବଳେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ସୁସଜ୍ଜିତ ବିମାନରେ ଧବଳେଶ୍ୱରଙ୍କ ମନ୍ଦିର ବେଢା ପରିକ୍ରମା କରାଯାଇଥିଲା। ଏକ ଘଣ୍ଟା ପର୍ଯ୍ୟନ୍ତ ବେଢା ପରିକ୍ରମା ହୋଇଥିଲା ବୋଲି ନିତି ପାଳିଆ ଅର୍ଜୁନ ଚରଣ ପତ୍ରୀ କହିଛନ୍ତି। ଏହାପରେ ହୋଇଥିବା ମିଶ୍ରିତ ଭୋଗକୁ ଭକ୍ତଙ୍କୁ ବଣ୍ଟନ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କୁମାର ବିସି ଓ ପୋଲିସ ପୋର୍ସ ମୁତୟନ ହୋଇଥିଲେ।

# ଲକ୍ଷେଶ୍ୱରଙ୍କୁ ଲାଗି ହେଲା ମକର ଚାଉଳ

**ଫୁଲନଖରା, ୧୪।୧ (ଡି.ଏନ୍.ଏ.):**

ମକରସଂକ୍ରାନ୍ତି ଅବସରରେ ନଖରାସ୍ଥିତ ଲକ୍ଷେଶ୍ୱର ମହାଦେବଙ୍କ ପୀଠରେ ସୋମବାର ମକରମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ଠାକୁରଙ୍କ ବିଭିନ୍ନ ନୀତି ପରେ ମକର ଚାଉଳ ଲାଗି କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ କରାଯାଇଥିବା ବ୍ୟାରିକେଡ୍ ଭିତରେ ଶ୍ରଦ୍ଧାଳୁମାନେ ଧାଡିରେ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ସେହିପରି ନୂଆଗଡର ବାଲୁଙ୍କେଶ୍ୱର, ନଚ୍ଛିପୁରର କେଦାରେଶ୍ୱର, ଜରିପଡାର ଜଳେଶ୍ୱର, ଆମଣର ବରୁଣେଶ୍ୱର, ବିଶ୍ୱାଳପଡାର ଗ୍ରାମେଶ୍ୱର ଓ ନରସିଂହପୁରର ଗଡେଶ୍ୱରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା।

# ଓଡ଼ିଆ ଶିଶୁସାହିତ୍ୟର ଉନ୍ନତ ପରମ୍ପରା ରହିଛି

**କଟକ ଅଫିସ, ୧୪।୧**

ଶିଶୁ ସାହିତ୍ୟ ଯେଉଁ ଦେଶରେ ସମୃଦ୍ଧ, ସେ ଦେଶ ଓ ଜାତି ସେତେ ଉନ୍ନତ ଓ ବିକାଶଶୀଳ। ଓଡ଼ିଆ ଶିଶୁସାହିତ୍ୟର ଏକ ଉନ୍ନତ ପରମ୍ପରା ରହିଛି। ଶିଶୁ ସାହିତ୍ୟକୁ ନେଇ ସମକାଳର ଶିଶୁମାନଙ୍କର ଶିଶୁ-ପାଠାଗାରର ଆବଶ୍ୟକତା ରହିଛି। ଉତ୍କଳ ସାହିତ୍ୟ ସମାଜର ଶିଶୁ ପାଠାଗାର ଓ ଗବେଷଣା କେନ୍ଦ୍ର ଏକ ବଳିଷ୍ଠ ପଦକ୍ଷେପ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରଛନ୍ତି।

ସୋମବାର ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ ପାଳନ ଅବସରରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଥମଥର ପାଇଁ ଶିଶୁମାନଙ୍କ ପଠନାଭ୍ୟାସର ବୃଦ୍ଧି ନିମନ୍ତେ ଶିଶୁ-ପାଠାଗାର ଉଦ୍‌ଘାଟିତ ହୋଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ସପ୍ତମ ଶ୍ରେଣୀର ଛାତ୍ର ତ୍ରିବିକ୍ରମ ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ନଦୀୟାବିହାରୀ ମହାନ୍ତି, ସମ୍ମାନିତ ଅତିଥି ଅରୁଣ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଭାବେ ଦାଶ ବେନହୁର ଯୋଗଦେଇ କହିଥିଲେ, ଶିଶୁ ପାଠାଗାର ସହିତ ଶିଶୁ ସାହିତ୍ୟ ଗବେଷଣା କେନ୍ଦ୍ର ଗଠନ ହୋଇପାରିଲେ ଶିଶୁ ସାହିତ୍ୟର ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଉତ୍ସବରେ ପ୍ରାଚୀ ପ୍ରିୟଦର୍ଶନୀ ଜେନା, ଅର୍ପିତା ମହାପାତ୍ର, ଅଭିପ୍ସିତା ପ୍ରଧାନ, କୃଷ୍ଣଚନ୍ଦ୍ର ବିହାରୀ, ରିତିକା ବାରିକ ପ୍ରମୁଖ ଗୀତ, କବିତା, ଗପ ପାଠ କରିଥିଲେ। ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ସୂଚନା, ଉପସଭାପତି ଡ. ପ୍ରଭାସଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ ମନୋଜ ପଟ୍ଟନାୟକ ଅନୁଷ୍ଠାନର କାର୍ଯ୍ୟଧାରା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପାଠାଗାର ସମ୍ପାଦକ ଡ. ସୁନାମଣି ରାଉତ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥଲେ। ଏହି ଅବସରରେ ଦାଶ ବେନହୁରଙ୍କ 'ଅଗଣା ଗଳ୍ପ' ଓ 'ସଞ୍ଜ ନଇଁଲେ ତାରା ଉଇଁଲେ' ଗଳ୍ପ ପୁସ୍ତକ ଶିଶୁମାନଙ୍କୁ ପ୍ରଦାନ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଜୀବନାନନ୍ଦ ଅଧିକାରୀ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ବ୍ୟାସକବି ଓ ଅନ୍ୟ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ଶିଶୁ ପାଠାଗାର ଉନ୍ମୋଚନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିମାନେ।

## ଶିଶୁ ପାଠାଗାର ଉଦ୍‌ଘାଟିତ

ଏଥିରେ ତରୁଣ ସାହୁ, ବ୍ରହ୍ମାନନ୍ଦ ମହାନ୍ତି, ବ୍ରହ୍ମାନନ୍ଦ ବିଶ୍ୱାଳ, ଜେନା ଆଦିତ୍ୟ ପ୍ରତାପ ବାଘସିଂହ, ଗଜେନ୍ଦ୍ର ପାଣି, ଭୀମସେନ ନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଶରତ ଚନ୍ଦ୍ର ଦାଶ, ଡା. ରବିନାରାୟଣ ସାହୁ, ଭୁବନାନନ୍ଦ ମହାନ୍ତି, ବିଦ୍ୟୁତ୍ କୁମାରୀ ଲାଲା ପ୍ରମୁଖ ଫକୀରମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



ବାଖରାବାଦସ୍ଥିତ ଗାନ୍ଧୀ ଭବନରେ ଓଡ଼ିଶା ଚିତ୍ରକଳା ଏକାଡେମୀ ପକ୍ଷରୁ ସୋମବାର ଅନୁଷ୍ଠିତ ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହରେ ପ୍ରଫେସର ଡ. ଜେ.ପି. ଦାସଙ୍କୁ ଶିଳ୍ପୀ ବିଭୂତି କାନୁନଗୋ ସ୍ମୃତି ସମ୍ମାନ ପ୍ରଦାନ କରୁଥିବା ଅତିଥିମାନେ।



ମକରସଂକ୍ରାନ୍ତିରେ ପଟାପୋଲ ଅଞ୍ଚଳରେ କଟକ ନଗର ଜିଲା କଂଗ୍ରେସ କମିଟି ସଭାପତି ଇଂ ମହମ୍ମଦ ମୋକିମ୍ ଗୁଡ଼ି ଉଡ଼ାଉଛନ୍ତି।



ମକରସଙ୍କ୍ରାନ୍ତିରେ ହରିପୁର ଦୋଳମୁଣ୍ଡାଇ ଶ୍ରୀ ଶ୍ରୀ ପତିତପାବନଜୀଉ ମନ୍ଦିର ସମ୍ମୁଖରେ ନିଖିଳ ଉତ୍କଳ ଶିଳ୍ପୀ ପରିଷଦ ବାର୍ଷିକ ଆଖଡା ଭଜନ ସମାରୋହ ଓ ସମ୍ମାନ ପ୍ରଦାନ ସମାରୋହରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭାଧାରୀଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।



ଯେଉଁ ଦୁଃଖକୁ ପ୍ରକାଶ କରିହେବ ନାହିଁ, ତା'ଠାରୁ ବଳି ଅଧିକ ଦୁଃଖ ଆଉ କିଛି ନାହିଁ।
-ହେନେରୀ ୱାର୍ଡ୍‌ସଓର୍ଥ ଲଙ୍ଗଫେଲୋ



## ସଂକ୍ଷେପରେ

### ମହିଳାଙ୍କୁ ବଳାତ୍କାର ଅଭିଯୋଗ

ବେଗୁନିଆ,୧୪।୧ (ଡି.ଏନ.ଏ.) ବେଗୁନିଆ ଥାନା ଅଞ୍ଚଳରେ ଜନୈକା ବିବାହିତା ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ନଂ. ୧୧/୧୯ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁସାରେ, ରବିବାର ବିଳମ୍ବିତ ରାତିରେ ଡିଙ୍ଗର ଅଞ୍ଚଳର ଜଣେ ଯୁବକଙ୍କ ନାମରେ ଏଭଳି ଅଭିଯୋଗ ହୋଇଛି। ଯୁବକ ଜଣକ ଫେରାର ଥିବା ଜଣାପଡିଛି।

### ପାନବରଜ କ୍ରିକେଟ: କୁମାରବସ୍ତ ବିଜୟୀ

ଖୋର୍ଦ୍ଧା ଅଫିସ,୧୪।୧:ଖୋର୍ଦ୍ଧା ବ୍ଲକ ପାନବରଜ ଖେଳପଡିଆରେ ୨୭ ତମ ବାଲୁଙ୍କେଶ୍ୱର କ୍ରିକେଟ କପ ଚାଲିଛି। ଏହାର ୨ୟ ଦିବସ ମ୍ୟାଚରେ ରାଇଜିଂ ଷ୍ଟାର କୁମାରବସ୍ତ ୬ ଉଇକେଟରେ ସତ୍ୟପୀର ସ୍ପୋର୍ଟିଂ କାଇପଦରକୁ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି କାଇପଦର ଦଳ ବ୍ୟାଟିଂ କରି ୨୦ ଓଭରରେ ୮ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ୧୭୮ ରନର ବିଜୟ ଲକ୍ଷ୍ୟ ନେଇ କୁମାରବସ୍ତ ଦଳ ୧୮ ଓଭରରେ ୪ ଉଇକେଟ ହରାଇ ୧୭୯ ରନ କରି ବିଜୟୀ ହୋଇଥିଲା। ପ୍ରିୟବ୍ରତ ହରିଚନ୍ଦନ, ସୋମ୍ୟରଞ୍ଜନ ସାମନ୍ତସିଂହାର ଖେଳ ପରିଚାଳନା କରିଥିଲେ।

### ରାଜ୍ୟ ଟେଲର ସଂଘର ବୈଠକ

ଖୋର୍ଦ୍ଧା ଅଫିସ,୧୪।୧:ଖୋର୍ଦ୍ଧା ସହରର ବାଟମଙ୍ଗଳା ମନ୍ଦିର ପରିସରରେ ରାଜ୍ୟ ଟେଲର ଆସୋସିଏଶନର ଜରୁରିକାଳୀନ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସେକ୍ ନିଜାମୁଦ୍ଦିନଙ୍କ ସଭାପତିତ୍ୱରେ ଦୁଇ ବରିଷ୍ଠ ସଦସ୍ୟଙ୍କ ମୃତ୍ୟୁରେ ୧ ମିନିଟ୍ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା। ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ପ୍ରମୋଦ କୁମାର ପଟ୍ଟନାୟକ ଓ ଭୁବନେଶ୍ୱର ଶିଶୁପାଳଗଡର ମଦନମୋହନ ବିଷୋଇଙ୍କ ଆକସ୍ମିକ ମୃତ୍ୟୁ ଘଟିଥିଲା। ପ୍ରମୋଦଙ୍କ ଝିଅ ବିବାହ ଆସନ୍ତା ୧୮ ତାରିଖରେ ଓ ମଦନମୋହନଙ୍କ ୨୬ ତାରିଖରେ ବିବାହ ହୋଇଥାନ୍ତା।

### ଜ୍ଞାନ ଚୌପାଢ଼ି ନିର୍ମାଣ

ବୋଲଗଡ଼,୧୪।୧(ଡି.ଏନ.ଏ.)-ବୋଲଗଡ଼ ବ୍ଲକ ଅସରଳାସ୍ଥିତ ଦଧିବାମନ ମନ୍ଦିର ନିକଟରେ ଗ୍ରାମବାସୀଙ୍କ ସହଯୋଗରେ ଏକ ଜ୍ଞାନ ଚୌପାଢ଼ି ନିର୍ମାଣ କରାଯାଇଛି। ଅସରଳା ଗ୍ରାମଟି ପଞ୍ଚାୟତର ସର୍ବବୃହତ୍ ଗ୍ରାମ। ଗ୍ରାମରେ ବର୍ଷ ସାରା ବିଭିନ୍ନ ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ସହ ଭାଗବତ ପ୍ରତିଯୋଗିତା, ଭଜନ ସନ୍ଧ୍ୟା, ଦଣ୍ଡନାଚ, ପୁରାଣ ପାଠ, ଭାଗବତ ଚର୍ଚ୍ଚା ଓ ନ୍ୟାୟସଭା, ସମିତି ଆଦି ଅନୁଷ୍ଠିତ ହେଉଛି। ଏ ସମସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଉକ୍ତ ଜ୍ଞାନ ଚୌପାଢ଼ି ନିର୍ମାଣ କରାଯାଇଛି। ଗ୍ରାମବାସୀ ଏହାକୁ ଭାଇଚାରାର ନିଦର୍ଶନ ମନେ କରିଛନ୍ତି।

### ତାରିଣୀଙ୍କ ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ,୧୪।୧(ଡି.ଏନ.ଏ.)
ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ହୋମଯଜ୍ଞ, ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ସେହିଭଳି ୧୭ ତାରିଖ ଉଦ୍‌ଯାପନୀ ଉତ୍ସବରେ ଯମୁନା ସ୍ନାନ, ପୂର୍ଣ୍ଣାହୁତି ଏବଂ ପ୍ରସାଦ ସେବନ କରାଯିବ। ଏଥିରେ ୧୮ଟି ସଂକୀର୍ତ୍ତନ ଦଳ ଯୋଗ ଦେବେ । ପୁରୀ ଜଗନ୍ନାଥ ଧାମସ୍ଥିତ ଗୁରୁଦେବ ଆଶ୍ରମରୁ ଶ୍ରୀ ପ୍ରେମାନନ୍ଦ ମହାରାଜ, ମାତାଜୀ ପଙ୍କଜିନୀ ଦାଶ ଉତ୍ସବର ପରିଚାଳନା କରୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି ମାୟାଧର ପଲେଇ, ପ୍ରକାଶ ଚନ୍ଦ୍ର ଜେନା, ସୁଦର୍ଶନ ଦଲେଇ, ସୀମାଞ୍ଚଳ ବାରିକୀ, ବାବୁଲା ନାୟକ, ଯୋଗେନ୍ଦ୍ରନାଥ ପଲେଇ ଓ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି। ମନ୍ଦିର ପୂଜକ ବିଭୂତି ପଣ୍ଡା କହିଛନ୍ତି, ପ୍ରତିଦିନ ୫ ହଜାର ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ପ୍ରସ୍ତୁତ କରାଯାଉଛି ।

## ମା'କାଳିଜାଈଙ୍କ ପୀଠରେ ମକରମେଳା

# ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ବାଲୁଗାଁ/କୃଷ୍ଣପ୍ରସାଦ,୧୪।୧ (ଡି.ଏନ.ଏ.)



ମକର ସଂକ୍ରାନ୍ତି ଲାଗି କାଳିଜାଈ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳିଚହଳି।

ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା'କାଳିଜାଈଙ୍କ ପୀଠରେ ସୋମବାର ପାରମ୍ପରିକ ମକରମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଦେଖିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ମଧ୍ୟାହ୍ନରେ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରାସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଏହାପରେ ରାଜକୀୟ ପରମ୍ପରାକ୍ରମେ ଢ଼ୋଲ, ଭେରି, ତୁରି, ମହୁରି, କାହାଳି ଆଦି ଧ୍ୱନିରେ ତାଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ଯୁବରାଜ ମା'ଙ୍କ ପୀଠରେ ଛେରାପହଁରା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମକର ଭୋଗ ଲାଗି ହୋଇଥିଲା । ଏହି ଅବସରରେ ଉପସ୍ଥିତ ସହସ୍ରାଧିକ ମତ୍ସ୍ୟଜୀବୀ ମା' କାଳିଜାଈଙ୍କ ଆଶୀର୍ବାଦ କାମନା କରି ନିଜ ନିଜ ଡ଼ଙ୍ଗାରେ ବିଜୟ ବାନା ଉଡ଼ାଇଥିଲେ । ବିପଦ ଆପଦ ବେଳେ ଚିଲିକା ମଧ୍ୟରେ ମା' ଏକମାତ୍ର ସାହାଭରସା ବୋଲି ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି।

ସୋମବାର ଭୋରରୁ ମା'ଙ୍କ ପୀଠକୁ ବାଲୁଗାଁ, ବଡ଼କୁଳ, ନଈରୀ, କୃଷ୍ଣପ୍ରସାଦ, ପାରିକୁଦ, ସାତପଡା ଓ ବ୍ରହ୍ମଗିରି ଅଞ୍ଚଳରୁ ଡଙ୍ଗା ସାହାଯ୍ୟରେ ଯାତ୍ରୀଙ୍କ ଆଗମନ ହୋଇଥିଲା । ଯାତାୟାତ ନିମନ୍ତେ ବାଲୁଗାଁ ଚିଲିକା କୂଳରୁ ମା' କାଳିଜାଈ ମୋଟର ବୋଟ୍ ଆସୋସିଏଶନ୍, ବଡ଼କୁଳ ପାନ୍ଥନିବାସ ନିକଟରୁ ସରକାରୀ ଓ ଘରୋଇ ଡ଼ଙ୍ଗା ମାଲିକ ସଂଘ ତରଫରୁ ବହୁ ସଂଖ୍ୟାରେ ଡ଼ଙ୍ଗା ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳା ପାଇଁ ମା'ଙ୍କ ପୀଠରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଏହାସହ କୌଣସି ଅଘଟଣ ଏଡାଇବା ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀ ସଜାଗ ରହିଥିଲେ । ଚିଲିକା ମଧ୍ୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟେ ସେଥିପାଇଁ ଓଡ୍ରାଫ୍ଟ ଟିମ୍ ଦିନତମାମ ଚିଲିକା ଜଳରାଶିରେ ପଇଁତରା ମାରୁଥିବା ଦେଖାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଓ ଅନ୍ୟାନ୍ୟ ସେବା ସହାୟତା ଯୋଗାଇ ଦିଆଯାଇଥିଲା।

ସେହିପରି ମା' ମେଘାମ୍ବେରୀ ପୀଠ, ମା' ନାରାୟଣୀ, ବାଣପୁର ମାଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଇ, ମା' ତାରିଣୀ, ମା' ଡ଼ୋମଣୀ, ଘଣ୍ଟଶିଳା ପାଦ ଦେଶରେ ଅବସ୍ଥାପିତ ମହାବୀରଙ୍କ ପୀଠ, ଐତିହାସିକ ପଲଟଣ ପଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟ ବାଙ୍କନିଧି ଦେବଙ୍କ ପୀଠରେ ମଧ୍ୟ ମକରମେଳା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ସମସ୍ତ ପୀଠରେ ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଓ ବାଣପୁର ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ନିୟୋଜିତ କରାଯାଇଥିଲା । ରାତ୍ରିତମାମ ସମସ୍ତ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କୃଷ୍ଣପ୍ରସାଦ, ବୋଲଗଡ଼ରେ ମକର ପୂଜା

କୃଷ୍ଣପ୍ରସାଦ,୧୪।୧(ଡି.ଏନ.ଏ.)–

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ମନ୍ଦିରରେ ମକର ଚାଉଳ ପୂଜା ଆୟୋଜିତ ହୋଇଯାଇଛି। ମାଲୁଦର ଦଧିବାମନ ଦେବ, ମା' ଚିନାମାଳୀ, ମାଲୁଦ ରାଜାବଜାରସ୍ଥିତ ମା' ତାରିଣୀ, ପଞ୍ଚୁଦୋଳ ପଡିଆ ପଞ୍ଚମୁଖୀ ହନୁମାନଙ୍କ ପୀଠରେ ଭଜନ ଓ କୀର୍ତ୍ତନ ସହ ମକର ଚାଉଳ ପୂଜା କରାଯାଇଥିଲା । ସେହିଭଳି ଗୁରୁବାଈ ଓ ଗୋରାପୁରର ଶ୍ରୀଜଗନ୍ନାଥ ପୀଠ, ଚିଲିକା ମଧ୍ୟସ୍ଥ ସାଗର ଶ୍ରୀକ୍ଷେତ୍ର ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା, ଡିଆକୁଦା ହନୁମାନ ମନ୍ଦିର, ବଜ୍ରକୋଟ ଜଗନ୍ନାଥ, ପାରିକୁଦଗଡ ଜଗନ୍ନାଥ ଓ ତାଳତୋଳା ରାମମନ୍ଦିରରେ ମକର ପୂଜା ସହ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା ।

ବୋଲଗଡ଼,(ଡି.ଏନ.ଏ.)– ଉତ୍ତରାୟଣ ଗତିର ଆରମ୍ଭ ତଥା ମକର ସଂକ୍ରାନ୍ତି ଅବସରରେ ସୋମବାର ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ମକର ଚାଉଳ ଭୋଗ ବଣ୍ଟନ କରାଯାଇଛି। ବାଙ୍କୋଇସ୍ଥିତ ତାରେଶ୍ୱରଦେବ ଓ ବିଭିନ୍ନ ଦେବଦେବୀ ମନ୍ଦିରରେ ମକର ପୂଜା ଓ ସମସ୍ତଙ୍କୁ ମକର ଭୋଗ ବଣ୍ଟନ ପୂର୍ବକ ଭ୍ରାତୃତ୍ୱ ଭାବ ଏବଂ ପାରସ୍ପରିକ ଶୁଭେଚ୍ଛାର ବାର୍ତ୍ତା ବଣ୍ଟନ କରାଯାଇଥିଲା। ପ୍ରତିବର୍ଷ ଭଳି ବୋଲଗଡଠାରେ 'ନନ୍ଦିଘୋଷ' ଅନୁଷ୍ଠାନ ପକ୍ଷରୁ ମକର ମିଳନ ଆୟୋଜିତ ହୋଇଥିଲା। ଏଥିରେ ବହୁ ସାହିତ୍ୟିକ ଓ କବି ଯୋଗଦେଇ ସ୍ୱରଚିତ କବିତା, ଲେଖା ଓ ଭ୍ରାତୃତ୍ୱର ବାର୍ତ୍ତା ପ୍ରେରଣ କରିଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ : ଜଗା ୟୁନାଇଟେଡ୍ ବିଜୟୀ

ଜଟଣୀ,୧୪।୧(ଡି.ଏନ.ଏ)

ଜଟଣୀ ଛଣଘର–କୁଶମାଟିରେ ଚାଲିଥିବା ଶ୍ରୀବସ୍ତ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଏକ କ୍ୱାର୍ଟର ଫାଇନାଲ ମ୍ୟାଚରେ ଭଦ୍ରକର ୟୁନାଇଟେଡ୍ କ୍ଲବକୁ ୩–୧ ଗୋଲରେ ପରାସ୍ତ କରି ଭୁବନେଶ୍ୱରର ଜଗା ୟୁନାଇଟେଡ୍ ସେମିଫାଇନାଲରେ ପ୍ରବେଶ କରିଛି। ଜଗା ୟୁନାଇଟେଡ୍‌ର ଉମର ଖାନ୍ ୨ଟି ଓ ଚେତନ ନାୟକ ଗୋଟିଏ ଗୋଲ୍ କରିଥିଲେ। ସେହିପରି ୟୁନାଇଟେଡ୍ କ୍ଲବର ସୋନୁ ନାୟକ ଦଳ ପକ୍ଷରୁ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଟି. ମୋହନ ରାଓ ରେଫରି ଥିବା ବେଳେ ପ୍ରଫୁଲ୍ଲ ବେହେରା ଓ ଅଭିରାମ ପଟ୍ଟନାୟକ ଲାଇନ୍‌ରେ ସହାୟତା କରିଥିଲେ। ବିଜୟୀ ଜଗା ୟୁନାଇଟେଡ୍‌ର ଚେତନ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ସରପଞ୍ଚ ସୁନୀଲ ରାଉତରାୟ ଓ ଜିଲା ଯୁବ କଂଗ୍ରେସର ସମ୍ପାଦକ ବିଜୟ କିଶୋର ପଟ୍ଟନାୟକଙ୍କଠାରୁ ପୁରସ୍କୃତ ହୋଇଥିଲେ। ମଙ୍ଗଳବାର ପତିତପାବନ କ୍ଲବ (ବ୍ରହ୍ମପୁର) ଓ ଜଗା ୟୁନାଟେଡ୍ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।




ଭୁବନେଶ୍ୱର ସର୍କିଟ ହାଉସଠାରେ ୨୦୧୯ ସାଧାରଣ ନିର୍ବାଚନ ଲାଗି ସୋମବାର ଖୋର୍ଦ୍ଧା ଜିଲାସ୍ତରୀୟ ତାଲିମ ଶିବିରରେ ଉପସ୍ଥିତ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଓ ଅନ୍ୟମାନେ।

## କ୍ରିକେଟ ଟୁର୍ନାମେଣ୍ଟ: ବେଲପଡ଼ା ଚାମ୍ପିୟନ

ବେଗୁନିଆ,୧୪।୧ (ଡି.ଏନ.ଏ.)

ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ଖେଳପଡିଆଠାରେ ସୋମବାର ଅନୁଷ୍ଠିତ ହୋଇଥିବା ଏକ ଦିବସୀୟ ଚନ୍ଦ୍ରଶେଖର ଦେବ କ୍ରିକେଟ ଟୁର୍ନାମେଣ୍ଟରେ ବେଲପଡା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟସ୍ ଜିଣି ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇ ବେଲପଡା ଦଳ ୧୫ ଓଭରରେ ୬ ଉଇକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲା। ଜବାବରେ ଚନ୍ଦ୍ରଶେଖରପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୧୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୪୫ ରନ କରିବାରେ ସଫଳ ହୋଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ବଡପଣ୍ଡା ବ୍ୟକ୍ତିଗତ ବ୍ୟାଟିଂରେ ୬୫ ରନ ଏବଂ ୩ ଓଭର ବୋଲିଂ କରି ୧୫ ରନ ଦେଇ ୪ଟି ଉଇକେଟ ହାସଲ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ସେହିପରି ବେଲପଡା ଦଳର ଇସଲାମ ଖାନ୍ ଟୁର୍ନାମେଣ୍ଟରେ ସଫଳ ବ୍ୟାଟିଂ ପ୍ରଦର୍ଶନ କରି ସର୍ବାଧିକ ୧୧୫ ରନ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ସିରିଜ ବିବେଚିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜୁ ଯୁବବାହିନୀର ସଭାପତି ରୂପକାନ୍ତି ସାହୁ ମୁଖ୍ୟଅତିଥି, କୃତ୍ତିବାସ ପରମଗୁରୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ମ୍ୟାଚକୁ ପରିଚାଳନା କରିଥିଲେ ପ୍ରଶାନ୍ତ କୁମାର ସାହୁ ଓ ସତ୍ୟଜିତ ମଣ୍ଡଳ। ଶେଷରେ ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

## ୨୦୧୯ ସାଧାରଣ ନିର୍ବାଚନ ଜିଲାସ୍ତରୀୟ ତାଲିମ ଶିବିର

ଖୋର୍ଦ୍ଧା ଅଫିସ,୧୪।୧:

୨୦୧୯ ସାଧାରଣ ନିର୍ବାଚନରେ ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀଙ୍କ ଭୂମିକା, କର୍ତ୍ତବ୍ୟ ଉପରେ ଜିଲାସ୍ତରୀୟ ତାଲିମ ଶିବିର ଭୁବନେଶ୍ୱର ସ୍ପେଶାଲ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଭୁବନେଶ୍ୱର ଡିସିପି ଯୋଗ ଦେଇଥିଲେ। ଏଥିରେ ଭୁବନେଶ୍ୱର କମିଶନରେଟ ପୋଲିସର ଏଡିସିପି, ଏସିପି, ଆଇଆଇସି, ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜଟଣୀ ନଗର ଭାଜପା ସଭାପତିଙ୍କ ଇସ୍ତଫା

ଜଟଣୀ,୧୪।୧(ଡି.ଏନ.ଏ)

ଜଟଣୀ ନଗର ମଣ୍ଡଳ ଭାଜପା ସଭାପତି ନିରଞ୍ଜନ ପଣ୍ଡା ନିଜ ପଦ ଓ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏ ନେଇ ସେ ରାଜ୍ୟ ସଭାପତିଙ୍କୁ ସୋମବାର ଲିଖିତ ଇସ୍ତଫା ପତ୍ର ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ଏପରି ନିଷ୍ପତ୍ତି ନେଇଥିବା ଏଥିରେ ସେ ଦର୍ଶାଇଛନ୍ତି।

## ସଖା ସଂଘ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ : କଟକ ଚାମ୍ପିୟନ

ନିରାକାରପୁର,୧୪।୧(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ ଖେଳପଡିଆଠାରେ ସଖା ସଂଘ କ୍ରୀଡା ସଂସଦ ଆନୁକୂଲ୍ୟରେ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍‌ର ଖେଳ ସ୍ପୋର୍ଟ୍ସ ହଷ୍ଟେଲ୍ (କଟକ) ଓ ଧର୍ମଶାଳା ଫୁଟ୍‌ବଲ ଏକାଡେମୀ (ଯାଜପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ୍ ଚାମ୍ପିୟନ ହୋଇଛି । କଟକ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ଦେଇଥିଲା। ଜବାବରେ ଧର୍ମଶାଳା ଗୋଲ୍ ଦେଇ ନ ପାରି ୦/୧ରେ ପରାସ୍ତ ହୋଇଥିଲା। ମ୍ୟାଚ୍‌ରେ ଶ୍ରେଷ୍ଠ ଗୋଲ୍‌କିପର୍ ଭାବେ ଗଙ୍ଗାଧର ବାସ୍କେ, ସୁଶୀଲ ଲାହରା ଓ ଭଲ ଖେଳାଳି ଭାବେ ପୁରୁଷୋତ୍ତମ ଦାସ, ଫଗୁ ବେହେରାଙ୍କୁ ସୁଶାନ୍ତ କୁମାର ପ୍ରଧାନ, କେଦାରଶ୍ୱର ଜୟସିଂହ ଓ ବାମନ ସ୍ମାରକୀ କପ୍ ପ୍ରଦାନ କରାଯାଇଥିଲା । ଶିବ ଶଙ୍କର ପଣ୍ଡା, ସୁଶାନ୍ତ କୁମାର ମିଶ୍ର, ପ୍ରଦୀପ୍ତ କୁମାର ନାୟକ ଓ ହୃଦାନନ୍ଦ ମହତରାୟ ଖେଳ ପରିଚାଳନା କରିଥିଲେ । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ସଭାପତି ରାମଚନ୍ଦ୍ର ମହାପାତ୍ର, ରାମେଶ୍ୱର କ୍ରୀଡା ସଂସଦର ଆବାହକ ଇଂ. ବିଶ୍ୱମୋହନ ପଟ୍ଟନାୟକ, ଜିଲା ବିଜେଡି ମହିଳା ସଭାପତି ବାସନ୍ତୀ ମହାପାତ୍ର, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଅନୁଷ୍ଠାନର ସଭାପତି ସଭାରେ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ଭାଗୀରଥି ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।



ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ପ୍ରଚାର

ବୋଲଗଡ଼,୧୪।୧(ଡି.ଏନ.ଏ.)

ବୋଲଗଡ଼ ବ୍ଲକ କଅଁରପୁର ଓ ବେଗୁନିଆମୂଳ ଗ୍ରାମରେ ୮୦ ଛାତ୍ରୀଛାତ୍ର ସୋମବାର ଏକ ଶୋଭାଯାତ୍ରାରେ ବାହାରି ସ୍ୱାମୀ ବିବେକାନନ୍ଦଙ୍କ ନୀତିବାଣୀ ପ୍ରଚାର କରିଛନ୍ତି। ଶିକ୍ଷକ ହୃଷୀକେଶ ଚମ୍ପତିଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୨ ବର୍ଷ ଧରି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀଜୀଙ୍କ ବାଣୀ ଲିଖିତ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଗୁରୁଜନଙ୍କ ପ୍ରତି ସମ୍ମାନ, ଭଗବଦ୍ ଭକ୍ତି, ଚରିତ୍ର ଗଠନ, ଦେଶପ୍ରେମ ଓ ସ୍ୱାମୀଜୀଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ର ପୂର୍ଣ୍ଣଚନ୍ଦ୍ର ବେହେରା, ଯୁଧିଷ୍ଠିର ବେହେରା, ଚକ୍ରଧର ସୁବୁଦ୍ଧି, ସୂର୍ଯ୍ୟକାନ୍ତ ବାରିକ ପ୍ରମୁଖ ସଭାରେ ଯୋଗଦେଇଥିଲେ ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ବିବେକାନନ୍ଦଙ୍କ ବାଣୀ ପ୍ରଚାର।

## ଅରାଙ୍ଗ ପ୍ରିମିୟର ଲିଗ୍: ବଜରଙ୍ଗୀ ୱାରିୟର୍ସ ଚାମ୍ପିୟନ

ଖୋର୍ଦ୍ଧା ଅଫିସ,୧୪।୧:

ଖୋର୍ଦ୍ଧା ଉପକଣ୍ଠ ଅରାଙ୍ଗ ଗାଁରେ ଗୌତମ ମେମୋରିଆଲ କ୍ରିକେଟ, ଅରାଙ୍ଗ ପ୍ରିମିୟର ଲିଗ୍‌ର ଫାଇନାଲ ଖେଳରେ ବଜରଙ୍ଗୀ ୱାରିଅର୍ସ ୧୧ ରନରେ ବ୍ରଦର୍ସ ହିଟ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍‌ରେ ଜିତି ବଜରଙ୍ଗୀ ୱାରିଅର୍ସ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୧୨୧ ରନ କରିଥିଲା। ଜବାବରେ ବ୍ରଦର୍ସ ହିଟ୍ ୧୨ ଓଭରରେ ୮ ଉଇକେଟ ହରାଇ ୧୧୦ ରନ କରି ପରାସ୍ତ ହୋଇଥିଲା। ତୋଫାନ ବେହେରା ମ୍ୟାନ ଅଫ ଦି ମ୍ୟାଚ, ଶିବରାମ ପୃଷ୍ଟି ମ୍ୟାନ ଅଫ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଛନ୍ତି। ଦୀପକ ରାଉତରାୟ, ରତିକାନ୍ତ ବେହେରା, ସୌମ୍ୟରଞ୍ଜନ ବେହେରା ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଏଠାରେ ଅଙ୍ଗବସ୍ତ୍ର ଓ ହେଲମେଟ୍ ବଣ୍ଟନ କରିଥିଲେ।



ଖେଳାଳିଙ୍କ ସହ ଅତିଥିମାନେ।

## କୂଅରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣା

# ମିଳୁନି ସୁରାକ: ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ବେଗୁନିଆ,୧୪।୧ (ଡି.ଏନ.ଏ.)

ବେଗୁନିଆ ଥାନା ଡିଙ୍ଗର ଗ୍ରାମସ୍ଥିତ ପରିତ୍ୟକ୍ତ କୂଅରୁ ରବିବାର ଅପରାହ୍ନରେ ଗଡକଡବ ଗ୍ରାମର ସେକ୍ ତଫିକ୍‌ଙ୍କ ଗଳିତ ମୃତଦେହ ସହ ବାଇକ୍‌କୁ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଥିଲେ। ହେଲେ ଘଟଣାସ୍ଥଳରେ ତାଙ୍କ ସ୍ତ୍ରୀ ରିହାନା ସ୍ୱାମୀ ତଫିକ୍‌ଙ୍କୁ ହତ୍ୟା କରାଯାଇ କୂଅରେ ପକାଇ ଦିଆଯାଇଛି ବୋଲି ଅଭିଯୋଗ କରିଥିଲେ। ପୋଲିସ ରିହାନାଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଘଟଣାକୁ ଚାପି ଦେବାକୁ ଉଦ୍ୟମ ଚଳାଇଥିଲା। ହେଲେ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବାରୁ ପୋଲିସ ନଂ. ୧୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ୫ ଜଣଙ୍କୁ ସନ୍ଦେହରେ ଥାନାକୁ ଡାକି ଆଣି ସୋମବାର ପଚରାଉଚୁରା କରାଯାଇଥିଲା। ଏଥିରେ କୌଣସି ଠୋସ ସୁରାକ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ପୋଲିସ କହିଛି। ଅନ୍ୟପକ୍ଷରେ ସୋମବାର ପୋଲିସ ତଫିକ୍‌ଙ୍କ ମୃତଦେହକୁ ଖୋର୍ଦ୍ଧା ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ରେଡକ୍ରସ ପାଣ୍ଠିରୁ ତଫିକ୍‌ଙ୍କ ପରିବାରକୁ ୧୦ ହଜାର ଟଙ୍କା ଅନୁଦାନ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ସୂଚନାଥାଉ କି ତଫିକ୍ ଡିଙ୍ଗର ଗ୍ରାମରେ ଏକ ଚିକେନ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। ହେଲେ ଗତ ୯ ତାରିଖ ଦିନ ସେହି ଗ୍ରାମରେ ସାଥୀଙ୍କ ସହ ଭୋଜି ଭାତ କରିଥିଲେ। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ଆଉ ଘରକୁ ଫେରି ନ ଥିଲେ। ବିଭିନ୍ନସ୍ଥାନରେ ତଫିକ୍‌ଙ୍କୁ ପରିବାର ଲୋକେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାରେ ନିଖୋଜ ଥିବା ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ କୁହନ୍ତି, ତଫିକ୍‌ଙ୍କ ମୃତ୍ୟୁ ଘଟଣା ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ କରିବାକୁ ପୋଲିସ ପକ୍ଷରୁ ବିଧିବଦ୍ଧ ଭାବେ ତଦନ୍ତ ଜାରି ରହିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଇଛି।



ଯେଉଁ ଦୁଃଖକୁ ପ୍ରକାଶ କରିହେବ ନାହିଁ, ତା'ଠାରୁ ବଳି ଅଧିକ ଦୁଃଖ ଆଉ କିଛି ନାହିଁ।
- ହେନେରୀ ୱାର୍ଡ୍‌ସଓର୍ଥ ଲଙ୍ଗଫେଲୋ



## ସଂକ୍ଷେପରେ

### କାକଟପୁର ବ୍ଲକରେ ଜନଶୁଣାଣି
### ୧୨୨ ଅଭିଯୋଗ ଶୁଣିଲେ ଜିଲାପାଳ

**କାକଟପୁର, ୧୪।୧(ଡି.ଏନ୍.ଏ.):** କାକଟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ସାର୍ଥକ ଷଡ଼ଙ୍ଗୀ, ପିଡି ଡିଆରଡିଏ ଉଦ୍ଧବ ମାଝି, ବ୍ଲକ ଅଧକ୍ଷା ମନୋରମା ସ୍ୱାଇଁ, ବିଡିଓ ସୁଧାକର ନାୟକ, ତହସିଲଦାର ରୋଜିନା ଦାଶଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ସମୁଦାୟ ୧୨୨ଟି ଅଭିଯୋଗ ହୋଇଥିବାବେଳେ ଏ ସବୁର ତଦନ୍ତ କରି ୧୫ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜନଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣ ଓ ଲୋକପ୍ରତିନିଧିଙ୍କୁ ପୂର୍ବରୁ ଠିକ୍ ଭାବେ ସୂଚନା ଦିଆଯାଇ ନ ଥିବାରୁ ଏ ନେଇ ଲୋକେ ଅଭିଯୋଗ କରିଥିଲେ।

### ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ

**କଣାସ, ୧୪।୧(ଡି.ଏନ୍.ଏ.):** କଣାସ ବ୍ଲକରେ ୧୫ତାରିଖଠାରୁ ବିଭିନ୍ନ ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ତହସିଲଦାର ଅନୀତା ପଣ୍ଡାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକକୁ ମାଷ୍ଟର ଟ୍ରେନରମାନେ ଆସି କାର୍ଯ୍ୟକ୍ରମ ସମ୍ପର୍କରେ ବିଭିନ୍ନ ତାଲିମ୍ ଦେଇଥିଲେ। ପ୍ରଥମ ଦିନରେ କଣାସ, ଗଡବଳଭଦ୍ରପୁର, ସିରେଇ ଓ ପାଣ୍ଡିଆକେରା ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ଚାଲୁଥିବା କାର୍ଯ୍ୟକ୍ରମ ଗୁଡିକର ସୁ-ବିନିଯୋଗ, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ପାଇଁ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଗୁଡିକର ଆଲୋଚନା ଚକ୍ର ସଚେତନତା ଓ ସମସ୍ୟା ସମାଧାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟରେ କରାଯାଇଥିବା ସମସ୍ତ ଯୋଜନାର ପୁନରାବୃତି କରାଯିବା ସହିତ ଭତ୍ତା, ରାସନ କାର୍ଡ, ବିଜୁ କୃଷକ କଲ୍ୟାଣ ଯୋଜନାରେ କିଭଳି ହିତାଧିକାରୀ ସାମିଲ ହେବେ, ଭଗବତ ଟୁଙ୍ଗୀ ପାଇଁ ସହାୟତା ସହ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପ୍ରଦର୍ଶନୀ ଆୟୋଜିତ ହେବ। ବିଶେଷ କରି ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'କାଳିଆ' ଯୋଜନା ଉପରେ ଗୁରୁତ୍ୱାରୋପ କରାଯିବ। ଏଥିପାଇଁ ବିଭିନ୍ନ ଷ୍ଟଲ ମାନ ଖୋଲାଯିବ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହିତ ପଞ୍ଚାୟତର ସମସ୍ତ ଜନସାଧାରଣ ସରକାରୀ କର୍ମଚାରୀ ଲୋକ ପ୍ରତିନିଧିମାନେ ଅଂଶ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ବ୍ଲକ ଓ ତହସିଲ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

### ଭାଜପାର ଜନ ପରାମର୍ଶ ପଦଯାତ୍ରା




**ନିମାପଡ଼ା,୧୪।୧(ଡି.ଏନ୍.ଏ.):** ଭାଜପା ଚାରିଛକ ମଣ୍ଡଳ ପକ୍ଷରୁ ବାହାରେଣା, ଓ ଛଣିଜଙ୍ଗ ପଞ୍ଚାୟତର ୨୦ଟି ଗ୍ରାମରେ ସୋମବାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀଙ୍କ ପରିଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଚାରିଛକ ଗୋପବନ୍ଧୁ ଛକରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାକୁ ଲୋକମାନଙ୍କ ପାଖରେ ପହଞ୍ଚାଇବା ଏବଂ ନୂତନ ଓଡ଼ିଶା ଗଠନ ପାଇଁ ଲୋକଙ୍କ ପରାମର୍ଶ ଲୋଡିବା ଏହି ଜନ ପରାମର୍ଶ ପଦଯାତ୍ରା ମୂଳ ଲକ୍ଷ୍ୟ ବୋଲି ଭାଜପା ନେତୃବୃନ୍ଦ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ମାନସ ପ୍ରଧାନ, ଭାଜପା ଯୁବମୋର୍ଚ୍ଚା ପୁରୀ ଜିଲା ସମ୍ପାଦକ ମିଳନ ମୁଖିଙ୍କ ସମେତ ଶତାଧିକ କର୍ମୀ ଏଥିରେ ଯୋଗଦେଇଥିଲେ। ଭାଜପା ରାଜ୍ୟ ସଭାନେତ୍ରୀ ପରିଡା ଓ ପଦଯାତ୍ରୀଙ୍କୁ ବିଭିନ୍ନ ଗ୍ରାମ ଓ ଛକରେ ଦଳୀୟ କର୍ମୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା।

# ଆଜି ନେତାଜୀ ସଂଗ୍ରହାଳୟ ଲୋକାର୍ପଣ

**ପୁରୀ ଅଫିସ,୧୪।୧**

ସ୍ଥାନୀୟ ଗୋପାଳବଲ୍ଲଭ ରୋଡସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପୈତୃକ ଘରକୁ ରାଜ୍ୟ ସରକାର ନେତାଜୀ ସଂଗ୍ରହାଳୟର ରୂପ ଦେଇଛନ୍ତି। ଏଥିରେ ରହିଛି ନେତାଜୀ ଏବଂ ତାଙ୍କ ପରିବାରଙ୍କ ସମ୍ପର୍କିତ ବହୁ ଦୁର୍ଲଭ ଫଟୋ, ଆସବାବପତ୍ର ଏବଂ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ମ୍ୟୁଜିୟମ ନିର୍ମାଣ କାର୍ଯ୍ୟ ୩ ବର୍ଷ ପୂର୍ବରୁ ସରିଲାଣି। ହେଲେ ଅଦାଲତରେ ବିବାଦ ଯୋଗୁ ଏହା ଲୋକାର୍ପିତ ହୋଇପାରୁ ନ ଥିଲା। ନିକଟରେ ବିବାଦର ପରିସମାପ୍ତି ଘଟିବା ପରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହାକୁ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି।

ନେତାଜୀଙ୍କ ପୈତୃକ ଘର ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ୨୦୧୩ରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଏହାକୁ ସଂରକ୍ଷଣ କରି ନେତାଜୀ ମ୍ୟୁଜିୟମରେ




ଉଦ୍‌ଘାଟନ ଅପେକ୍ଷାରେ ଥିବା ନେତାଜୀ ସଂଗ୍ରହାଳୟ।

ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲା। ସେହିବର୍ଷ ଡିସେମ୍ବର ୩୦ରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ତଥା ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଶିଳାନ୍ୟାସ କରିଥିଲେ।

ସୂଚନାଯୋଗ୍ୟ, ଜାନକୀନାଥ ବୋଷଙ୍କୁ ୧୯୧୬ରେ ଗୋପାଳବଲ୍ଲଭ ରୋଡରେ ୪୩୩ ଡେସିମିଲ ଜମି ଲିଜ୍ ସୂତ୍ରରେ ଦିଆଯାଇଥିଲା। ସେ ଏହି ଜମିରେ ଗୃହ ନିର୍ମାଣ କରିଥିଲେ। ଜାନକୀନାଥ ଏବଂ ପ୍ରଭାବତୀ ଦେବୀଙ୍କ ମୃତ୍ୟୁ ପରେ ଉକ୍ତ ଘର ନେତାଜୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ରେକର୍ଡ ହୋଇଥିଲା। ୧୯୯୭ରେ ଜମି ମାଲିକାନାରୁ ନେତାଜୀଙ୍କ ନାମ କାଟିବା ପାଇଁ ତାଙ୍କ ସମ୍ପର୍କୀୟ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ନେତାଜୀଙ୍କ ମୃତ୍ୟୁ ନେଇ କୌଣସି ପ୍ରମାଣ ନ ଥିବାରୁ ଜିଲାପାଳ ଆବେଦନକୁ ଖାରଜ କରି ଦେଇଥିଲେ। ନେତାଜୀଙ୍କ ସମ୍ପର୍କୀୟମାନେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ଆର୍‌ଡିସି ମଧ୍ୟ ଆବେଦନକୁ ଖାରଜ କରିଥିଲେ। ଏହି ଜମିକୁ ସରକାରୀ ଖାତାକୁ ନେବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଥିଲା। ୨୦୧୩ ମାର୍ଚ୍ଚ ୩ରେ ଏହି ଜମି ପ୍ରଶାସନ ଦଖଲକୁ ନେବା ପରେ ସଂଗ୍ରହାଳୟ ତିଆରି କରାଯାଇଥିଲା। ଜିଲାପାଳ ଏବଂ ଆର୍‌ଡିସିଙ୍କ ଆଦେଶ ବିରୋଧରେ ନେତାଜୀଙ୍କ ସମ୍ପର୍କୀୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ଏହି ଜାଗା ଉପରେ ସ୍ଥିତାବସ୍ଥା ଜାରି କରିଥିଲେ। ଗତ ୩ ତାରିଖରେ ପୂର୍ବ ସ୍ଥିତାବସ୍ଥାକୁ ହାଇକୋର୍ଟ ଉଠାଇ ଦେଇଛନ୍ତି।



ମକରସଂକ୍ରାନ୍ତି ଅବସରରେ ଶ୍ରୀମନ୍ଦିର ସମ୍ମୁଖରେ ଥିବା ରାଧାବଲ୍ଲଭ ମଠରେ ସୋମବାର ମକର ଚାଉଳ ପ୍ରସ୍ତୁତ କରାଯାଉଛି।

■ ଦଳିତ ମହିଳାଙ୍କୁ ହତ୍ୟା ଘଟଣା

## ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ଭୁବନେଶ୍ୱର,୧୪।୧ (ବ୍ୟୁରୋ)**

ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ ସାତପଡା ଫାଣ୍ଡି ଅଞ୍ଚଳରେ ଜଣେ ଦଳିତ ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସ କୋହଳ ମନୋଭାବ ପୋଷଣ କରିଛି। ଏନେଇ ଜାତୀୟ ଦଳିତ ଆଦିବାସୀ ମାଇନରଟି ମହାସଂଘ ଓଡ଼ିଶା ପକ୍ଷରୁ ସ୍ଥାନୀୟ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ସଂଘର ଅଭିଯୋଗ ମୁତାବକ, ସାତପଡା ଫାଣ୍ଡି ଅଞ୍ଚଳର ଜଣେ ବିବାହିତା ମହିଳା ଗତ ଡିସେମ୍ବର ୯ ତାରିଖ ରାତିରୁ ନିଖୋଜ ଥିଲେ। ଘର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ୧୦ ତାରିଖ ସକାଳେ ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଘରଠାରୁ ୪ କିମି ଦୂର ଏକ କାଜୁ ଜଙ୍ଗଲରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଦେଖିଥିଲେ। ଏ ନେଇ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଉନାହିଁ ବୋଲି ସଂଘର ରାଜ୍ୟ ସଭାପତି ବିଜୟ ସେଠୀ ଏବଂ ସମ୍ପାଦକ ବିଜୟ ଭୋଇ ଗଣମାଧ୍ୟମକୁ କହିଛନ୍ତି। ଏହି ଘଟଣାରେ ପୋଲିସ ଉପଯୁକ୍ତ ତଦନ୍ତ କରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ, ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେମାନେ ଚେତାବନୀ ଦେଇଛି।

## ଅଲାରନାଥଙ୍କ ମକର ନୀତି ସମ୍ପନ୍ନ

**ବ୍ରହ୍ମଗିରି, ୧୪।୧(ଡି.ଏନ୍.ଏ.)**

ପବିତ୍ର ମକର ସଂକ୍ରାନ୍ତି ଅବସରରେ ରବିବାର ମହାପ୍ରଭୁ ଅଲାରନାଥଙ୍କ ନିକଟରେ ମକର ନୀତି ସମ୍ପନ୍ନ ହୋଇଛି। ଏହି ଅବସରରେ ସକାଳର ସମସ୍ତ ନିତି କାନ୍ତି ପରେ ମହାପ୍ରଭୁ ଅଲାରନାଥଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ମକର ଚାଉଳ ସମର୍ପଣ କରାଯାଇଥିଲା। ଏହି ମକର ଚାଉଳ ପାଇବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା।

## ଶ୍ରୀପର୍ଣ୍ଣାର ମକର ମିଳନ, ଫକୀର ମୋହନ ଜୟନ୍ତୀ

**ପୁରୀଅଫିସ,୧୪।୧**

ଶ୍ରୀପର୍ଣ୍ଣା ପ୍ରକାଶନୀର ୩୧ତମ ମକର ମିଳନ ଉତ୍ସବ ଓ ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ହୋଟେଲ ସୋନାଲ କେଲାରରେ ସୋମବାର ଅନୁଷ୍ଠିତ ହୋଇଥିଲା। ଶ୍ରୀପର୍ଣ୍ଣା ପ୍ରକାଶନୀର ସମ୍ପାଦକ ତଥା ସାହିତ୍ୟିକ ଉମାକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବକୁ କବି ପଦ୍ମଚରଣ ଖୁଣ୍ଟିଆ ଓ ଆର୍ତ୍ତତ୍ରାଣ ମାନସିଂ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ତଥା କବି ପ୍ରଭାକର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମକର ଉତ୍ସବ ହେଉଛି ଆମ ସଂସ୍କୃତିର ପରିଚୟ। ଭାଇଚାରା ଓ ସ୍ନେହଶ୍ରଦ୍ଧାର ପର୍ବ ହେଉଛି ମକର ଉତ୍ସବ। ଫକୀର ମୋହନ ହେଉଛନ୍ତି ଓଡ଼ିଆ ସାହିତ୍ୟର ଜଣେ ଉଜ୍ଜ୍ୱଳ ଜ୍ୟୋତିଷ୍କ। ତାଙ୍କ କାଳଜୟୀ ରଚନା ଯୁଗ ଯୁଗ ଧରି ସମାଜକୁ ପ୍ରେରଣା ପ୍ରଦାନ କରିବ। କବି ସୁନୀଲ ରଥ ଓ ମୀନକେତନ ଦାଶ ଓଡ଼ିଆ ଭାଷା ପ୍ରତି ଫକୀର ମୋହନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ କବୟିତ୍ରୀ ସୁଜାତା ସିହ୍ନାଙ୍କ ଉପନ୍ୟାସ ଘାସଫୁଲ, ଉମାକାନ୍ତ ମହାପାତ୍ରଙ୍କର ନୀଳ ନିଶାର୍ଦ୍ଧର ଗୀତର ଇଂଲିଶ ଅନୁବାଦ, ଓଡ଼ିଆ କବିତା ଆକାଶ, କବି ବିଭୁଦତ୍ତ ମହାନ୍ତିଙ୍କ ରଚିତ କବିତା ଦି ସଙ୍ଗ ଅଫ ଦ ବ୍ଲୁ ନାଇଟ୍, ଦି ଗଙ୍ଗା ଫ୍ଲୋଜ୍ ଅନ୍ ପ୍ରଭୃତି ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦିଲୀପ ସ୍ୱାଇଁ, କବୟିତ୍ରୀ ପ୍ରତିମା ମିଶ୍ର, ଚାରୁଲତା ମିଶ୍ର, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ମମତା ଦାସ, କୈଳାସ ରାୟ, ଶ୍ୟାମପ୍ରକାଶ ସେନାପତି, କୈଳାସ ଚନ୍ଦ୍ର ଟିକାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ୩୨ ତମ ନାରାୟଣୀ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ: ମହାବୀର ସ୍ପୋର୍ଟିଂ ବିଜୟୀ

**କଣାସ, ୧୪।୧(ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ ଗଡସାନପୁଟ ଗ୍ରାମ ପଞ୍ଚାୟତର କଣ୍ଟାବଣିଆ ଗ୍ରାମରେ ନାରାୟଣୀ କ୍ଲବପକ୍ଷରୁ ୩୨ତମ ନାରାୟଣୀ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସ ଖେଳରେ ମହାବୀର ସ୍ପୋର୍ଟିଂ ବିଜୟୀ ହୋଇଛି। ଦ୍ୱିତୀୟ ଦିବସରେ ପୁରୀର ମହାବୀର ସ୍ପୋର୍ଟିଂ ଏବଂ ଭୁବନେଶ୍ୱରର ସହୀଦ ସ୍ପୋର୍ଟିଂ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମହାବୀର ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୭୪ରନ୍ କରିଥିଲା। ଦ୍ୱିତୀୟ ଇନିଂସ୍‌ରେ ସହୀଦ ସ୍ପୋର୍ଟିଂ ୨୧ଓଭରରେ ସମସ୍ତ ଉଇକେଟ୍ ହରାଇ ୯୦କରି ପରାଜିତ ହୋଇଥିଲା। ମହାବୀର ସ୍ପୋର୍ଟିଂର ସ୍ମୃତିକାନ୍ତ ପାତ୍ର ବ୍ୟକ୍ତିଭାବେ ୪୪ରନ୍ କରିଥିବାବେଳେ ବିପକ୍ଷଦଳର ୩ଟି ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍‌ଅଫ୍‌ଦିମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଦୀପ ଜେନା ଏବଂ ଅମିତ ପଟ୍ଟନାୟକ ଖେଳପରିଚାଳନା କରିଥିଲେ।

■ ମହର୍ଷି ମହେଶ ଯୋଗୀଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଯାପିତ

## 'ଦେଶୀ ଗାଈ କ୍ଷୀର ରୋଗ ନାଶକ'

**ପୁରୀ ଅଫିସ,୧୪।୧**



ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ।

ଭାରତୀୟ ଦେଶୀ ଗାଈର କ୍ଷୀର ରୋଗ ନାଶକ। ଜର୍ସି ଗାଈର କ୍ଷୀର ରୋଗ କାରକ। ଏହାକୁ ବିଦେଶର ବୈଜ୍ଞାନିକମାନେ ଗବେଷଣା କରି ଜାଣିପାରିଛନ୍ତି। ସେଥିପାଇଁ ବିଦେଶରେ ଏବେ ଭାରତୀୟ ଦେଶୀ ଗାଈ କ୍ଷୀରର ଢେର ଚାହିଦା ରହିଛି। ସାଧାରଣ ଗାଈ କ୍ଷୀର ଦାମ୍ ଯେତିକି ଦେଶୀ ଗାଈ କ୍ଷୀରର ଦାମ୍ ତାହାଠାରୁ ୩ଗୁଣ ଅଧିକ ବୋଲି କହିଛନ୍ତି ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ। ଗୋରୁଆଳ ପଞ୍ଚାୟତସ୍ଥିତ ଗୋବିନ୍ଦ ଗୋଧାମ (ଗୋଶାଳା) ଗୁରୁକୁଳ ପରିସରରେ ତିନିଦିନ ଧରି ଚାଲିଥିବା ମହର୍ଷି ମହେଶ ଯୋଗୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବର ସୋମବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଜ୍ଞାନାନନ୍ଦ ମହାରାଜ କହିଥିଲେ, ଦେଶୀ ଗାଈର କ୍ଷୀର, ଦହି ଓ ଘିଅ ଅମୃତ। ସେହିପରି ଦେଶୀ ଗାଈର ମୂତ୍ର ଓ ଗୋବର ହେଉଛି ପବିତ୍ର। କେବଳ ପବିତ୍ର ନୁହେଁ ବହୁ ରୋଗର ନାଶକ। ତେଣୁ ପ୍ରତ୍ୟେକ ବ୍ୟକ୍ତି ଘରେ ଦେଶୀ ଗାଈ ପାଳିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନେବଳ ଦାସ ମଠ ମହନ୍ତ ଡ. ରାମଚରଣ ଦାସ ମହାରାଜ, ସାମାଜିକ କର୍ମୀ ଡ. କିଶନଲାଲ ଭରତିଆ, ପଣ୍ଡିତ ବୈଦ୍ୟନାଥ ଠାକୁର, ଓଡ଼ିଶା ସୁରକ୍ଷା ସେନାର ରାଜ୍ୟ ସଭାପତି ଅଭିଷେକ ଯୋଶୀ, ସେବକ ରଜତ କୁମାର ପ୍ରତିହାରୀ, ପଣ୍ଡିତ ନିତ୍ୟାନନ୍ଦ କର, ପୂର୍ବତନ ଆଇଜି ସାରଙ୍ଗଧର ରାୟଗୁରୁ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିନ ବିହାରୀ ପତି, ସବିତା ପତି, ଲକ୍ଷ୍ମୀପ୍ରିୟା ପଣ୍ଡା, ଦୀପକ ପଣ୍ଡା, ପୀତାମ୍ବର ପଣ୍ଡା, କାର୍ତ୍ତିକ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଫକୀର ମୋହନ ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା

**ପୁରୀଅଫିସ,୧୪।୧**

ସୃଜନୀ ସାହିତ୍ୟ ସଂସଦ ଓ ଭାଷା ସୁରକ୍ଷା ପ୍ରତିଷ୍ଠାନ, ପୁରୀ ମିଳିତ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସୋମବାର ବଡ଼ଦାଣ୍ଡସ୍ଥିତ ପଦ୍ମିନୀ ନିବାସରେ ଅନୁଷ୍ଠିତ ହୋଇଯାଇଛି। ସୃଜନୀର କାର୍ଯ୍ୟକାରୀ ସଭାପତି ଅଧ୍ୟାପକ ଦୟାନିଧି ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ହରପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଫକୀର ମୋହନଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରି କହିଥିଲେ, ଓଡ଼ିଆ ଭାଷା ସାହିତ୍ୟକୁ ତାଙ୍କ ଅବଦାନ ଅତୁଳନୀୟ। ସେ ହେଉଛନ୍ତି ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା। ଇଂରେଜଙ୍କ ରାଜତ୍ୱ ସମୟରେ ଓଡ଼ିଆ ଭାଷାର ଅସ୍ତିତ୍ୱ ହଜିବାକୁ ବସିଥିଲା। ବଙ୍ଗଳା ଭାଷାର ପ୍ରାଧାନ୍ୟ ବୃଦ୍ଧି ପାଇବାରେ ଲାଗିଥିଲା। ସେହି ସମୟରେ ଭାଷାର ସୁରକ୍ଷା ଲାଗି ଓଡ଼ିଆ ପୁଅ ଫକୀର ମୋହନ ଅଣ୍ଟା ଭିଡ଼ିଥିଲେ। ନିଜ କଲମ ମୁନରେ ଓଡ଼ିଆରେ ବହୁ କବିତା, ସାହିତ୍ୟ ସଂରଚନା କରି ଭାଷାର ସୁରକ୍ଷା ଲାଗି ଉଦ୍ୟମ ଜାରି ରଖିଥିଲେ। ତାଙ୍କ ଭାଷାପ୍ରୀତି ଏବଂ ପାଣ୍ଡିତ୍ୟକୁ ସମ୍ମାନ ଜଣାଇ ସେତେବେଳେ ବ୍ରିଟିଶ ସରକାର ତାଙ୍କୁ ଦେୱାନ ଉପାଧିରେ ଭୂଷିତ କରିଥିଲେ। ତାଙ୍କ ଦ୍ୱାରା ରଚିତ ଅନେକ କାଳଜୟୀ ଗଳ୍ପ,ଏକାଙ୍କିକା, ଉପନ୍ୟାସ ଜନମାନସରେ ଆଦୃତ ହୋଇଛି ବୋଲି ମିଶ୍ର କହିଥିଲେ। ଜୟନ୍ତୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ, ଡ.ବଳରାମ ଦାଶ, ଚନ୍ଦ୍ରଶେଖର ରଥ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଲିଙ୍ଗରାଜ ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସୃଜନୀର ସମ୍ପାଦିକା ହେମାଙ୍ଗିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ସାକ୍ଷୀଗୋପାଳ ମନ୍ଦିରରେ ମକର ଚାଉଳ ଲାଗି କରିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

## ସାକ୍ଷୀଗୋପାଳ ମନ୍ଦିରରେ ମକରସଂକ୍ରାନ୍ତି

**ସାକ୍ଷୀଗୋପାଳ, ୧୪।୧(ଡି.ଏନ୍.ଏ.)**

ବର୍ଷକୁଥରେ ମକର ସଂକ୍ରାନ୍ତି ତିଥିରେ ସାକ୍ଷୀଗୋପାଳ ଠାକୁରଙ୍କୁ ମକର ଚାଉଳଭୋଗ ଲାଗି କରାଯାଇଛି। ଏକ ସତ୍ୟଘଟଣାରେ ସାକ୍ଷୀ ଦେବାକୁ ଆସି ପଥର ପାଲଟି ଯାଇଥିବା ସାକ୍ଷୀଗୋପାଳଙ୍କୁ ବର୍ଷସାରା ଗହମ, ଖଇ, ଛେନା, କ୍ଷୀର, ଲବଣି ସହ ଶୁଖିଲା ଭୋଗ ଲାଗି କରାଯିବାର ପରମ୍ପରା ରହିଆସିଛି। ଭୁଲରେ ଗୋଟିଏ ଚାଉଳ ଠାକୁରଙ୍କୁ ଭୋଗ ଲଗାଇଲେ ବଂଶନାଶ ହୋଇଯିବା ଭୟରେ କେହିକେବେ ଠାକୁରଙ୍କୁ ଚାଉଳ ଭୋଗ ଲଗାଇ ନ ଥାନ୍ତି। ପୌଷ ମାସରେ ବାପଘରକୁ ଯାଇଥିବା ମହାଲକ୍ଷ୍ମୀ ରବିବାର ମାସାନ୍ତ ରାତିରେ ମନ୍ଦିରକୁ ଫେରିଛନ୍ତି। ମହାଲକ୍ଷ୍ମୀ ବାପଘରୁ ଫେରିବା ବେଳେ ସାଙ୍ଗରେ ଆଣିଥିବା ମକର ଭାରରେ ପ୍ରସ୍ତୁତ ମକର ଚାଉଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଭୋଗଲାଗି କରାଯାଇଥିଲା। ଦ୍ୱିପହର ଧୂପ ସମୟରେ ମନ୍ଦିର ବେଢ଼ାରେ ମକର, ଶାକର, ଦଧି ଓ ରୂପାପାତ୍ରରେ ନଳିପାନ ଏପରି ଚାରିବେଢ଼ା ଅନୁଷ୍ଠିତ ହୋଇଥିଲା। ଛଡି ତ୍ରାସ ଘଣ୍ଟ, କାହାଳୀ ଛାମୁ ଖୁଣ୍ଟିଆଙ୍କ ସହ ପୂଜାପଣ୍ଡା ଓ ପାଳିଆପତ୍ରୀ ସେବକ ବଳି ଆଟିକାରେ ମକର ଚାଉଳ ନେଇ ନବାଙ୍କ ସ୍ଥାନରେ ପ୍ରଦାନ କରିଥିଲେ। ମକର ବେଢ଼ା ଅନ୍ତେ ଅପରାହ୍ନରେ ଠାକୁରଙ୍କୁ ମକର ଚାଉଳ ଭୋଗ ନୈବେଦ୍ୟ କରାଯାଇଥିଲା। ବର୍ଷକୁ ଦିନଟିଏ ଠାକୁରଙ୍କୁ ଚାଉଳ ଭୋଗ ଦେବା ସୁଯୋଗ ରହିଥିବାରୁ ଶ୍ରଦ୍ଧାଳୁ ମାନଙ୍କର ଭିଡ ଲାଗିଥିଲା। ନୁଆହାଣ୍ଡିରେ ନୁଆ ଅରୁଆ ଚାଉଳ, ଧନୁମୁଆଁ, ନଡ଼ିଆ, ପାଚିଲା କଦଳୀ, କ୍ଷୀର, ଛେନା, ସର, ଘିଅ, ଚିନି, ଗୁଡ, ମହୁ, ଅଦା, କାଜୁ, ଖିସ୍‌ମିସ୍, କର୍ପୁର, ଖଟାକମଳା, ମିଠା କମଳା, ଆଖୁ, ଗୋଲମରିଚ, ଅଳେଇଚ ଗୁଣ୍ଡ ଓ ଫଳମୂଳ ଆଦି ମିଶ୍ରଣରେ ମକର ଚାଉଳ ପ୍ରସ୍ତୁତି କରାଯାଇଥିଲା। ମକର ଚାଉଳ ପ୍ରସ୍ତୁତି ସାମଗ୍ରୀ ବିକ୍ରୟ କରିବା ପାଇଁ ମନ୍ଦିର ସମ୍ମୁଖରେ ଛୋଟ ଛୋଟ ବ୍ୟବସାୟୀମାନେ ପସାର ଖୋଲିଥିଲେ।



ଚିଲିକା ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

■ ଚିଲିକା ମହୋତ୍ସବ ଉଦ୍‌ଯାପିତ

## ଚିଲିକା କୂଳରେ କୋଣାର୍କର ଗାଥା

**ବ୍ରହ୍ମଗିରି, ୧୪।୧(ଡି.ଏନ୍.ଏ.)**

ଓଡ଼ିଆ ଜାତିର ବୀର ବାଳକ ଧର୍ମପଦ। ଯିଏ ୧୨ଶହ ବଢେଇଙ୍କ ମାନ ରଖିବାକୁ ଯାଇ ନିଜେ ଆତ୍ମବଳୀ ଦେଇ ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ନିଜ ନାମକୁ ଲିପିବଦ୍ଧ କରିଯାଇଛି। ଆଜି ହୁଏତ ଧର୍ମପଦ ଆମ ପାଖରେ ନାହିଁ। କିନ୍ତୁ ଧର୍ମପଦକୁ ଚିର ଦିନ ମନେ କାଉଛି ଆମ ଓଡିଆ ଜାତି। ଏହାର ମୁଖ ସାକ୍ଷୀ ହୋଇ ରହିଛି କୋଣାର୍କ। କୋଣାର୍କର ଏହି ଅଭୁଲା ଗାଥାକୁ ଚିଲିକା କୂଳରେ ନୃତ୍ୟ ଅଭିନୟ ମାଧ୍ୟମରେ ପରିବେଷଣ କରିଥିଲେ ଆଲୋକ ମହାପାତ୍ର ଏବଂ ତାଙ୍କ ସାଥୀ ମାନେ। ସୋମବାର ଥିଲା ସପ୍ତମ ଚିଲିକା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା। ଚିଲିକା କୂଳର ଶୀତୁଆ ସନ୍ଧ୍ୟାରେ କେନ୍ଦୁଝରରୁ ଆସିଥିବା ବୀଣାପାଣି କଳା କୁଞ୍ଜର ଆଦିବାସୀ ନୃତ୍ୟ ସାଂସ୍କୃତିକ ସନ୍ଧ୍ୟା ଆରମ୍ଭ ହୋଇଥିଲା। ପରେ ପରେ ସିନେତାରକା ଅର୍ଚ୍ଚିତା ଓ ସବ୍ୟସାଚୀଙ୍କ ନୃତ୍ୟର ତାଳେ ତାଳେ ଦର୍ଶକମାନେ ବେଶ ଝୁମିଥିଲେ। ପୁରୀ ଜିଲା ସାତପଡାର ଚିଲିକା କୂଳରେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଚିଲିକା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲାପରିଷଦ ଅଧ୍ୟ ଜ୍ୟୋତିର୍ମୟ ଦଳାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ହରେକୃଷ୍ଣ ମଲ୍ଲିକ, ମିଲି ବେହେରା, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ରାଟ ଗୌଡ଼ା ଉପସ୍ଥିତ ରହିଥିଲେ। ବ୍ରହ୍ମଗିରି ବିଧାୟକ ସଞ୍ଜୟକୁମାର ଦାସବର୍ମା ଏଥିରେ ସଭାପତିତ୍ୱ କରିଥିଲେ। ଫାଲଗୁନି ଜାଲି, ତ୍ରିନାଥ ସାମନ୍ତରାୟ ଏବଂ ଚିଲିକା ମୋଟରବୋଟ୍ ମହାସଂଘର କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ।

- ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ପୂର୍ବଶତ୍ରୁତାରୁ ଘରେ ଲଗାଇଲେ ନିଆଁ, ଜଣେ ଗିରଫ

ବଲଙ୍ଗା,୧୪।୧(ଡି.ଏନ୍.ଏ.):ବଲଙ୍ଗା ଥାନା ଅଧୀନ ଶମ୍ଭୁଭାରତୀପାଟଣା ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଘରେ ନିଆଁ ଲଗାଇଥିବାରୁ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ଜଗନ୍ନାଥ ସାହୁ। ପ୍ରକାଶ ଯେ, ଶନିବାର ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀ ସୁମିତ୍ରା ଘରେ ଶୋଇଥିବାବେଳେ ବିଳମ୍ବିତ ରାତିରେ ଜଗନ୍ନାଥ ନିଁଆ ଲଗାଇ ଦେଇଥିଲେ। ଏଥିରେ ତିନି ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡିଯାଇଥିବା ବେଳେ ଲକ୍ଷ୍ମୀଧର ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ସୁମିତ୍ରା ବଲଙ୍ଗା ଥାନାରେ ଅଭିଯୋଗ କରିବାରୁ ପୋଲିସ ୩/୧୯ ନଂରେ ଏକ ମାମଲା ରୁଜୁକରି ଜଗନ୍ନାଥଙ୍କୁ ଅଟକ ରଖିଥିବାବେଳେ ସୋମବାର କୋର୍ଟଚାଲାଣ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଘରେ ନିଁଆ ଲଗାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ଅନ୍ତର୍ଜାତୀୟ ଧଉଳି କଳାମହୋତ୍ସବ ଉଦ୍‌ଯାପିତ

### ୩ ଚିତ୍ରଶିଳ୍ପୀଙ୍କୁ ଅନ୍ତର୍ଜାତୀୟ ଶିଳ୍ପୀ ସମ୍ମାନ

ପୁରୁଣା ଭୁବନେଶ୍ୱର, ୧୪।୧(ଡି.ଏନ.ଏ.): ୩ ଦିନ ଧରି ଶାନ୍ତିସ୍ତୁପ ଧଉଳି ପାଦ ଦେଶରେ ଆୟୋଜିତ ହୋଇ ଆସୁଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଧଉଳି କଳାମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୩ ଦିନର ଦେଶ, ବିଦେଶର ଚିତ୍ରଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ହୋଇଥିବା ଚିତ୍ରକଳାର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଅପରାହ୍ନରେ ଉଦ୍‌ଯାପନି ଉତ୍ସବରେ ନେପାଳର ବିଶିଷ୍ଟ ଚିତ୍ର ଶିଳ୍ପୀ ବି.କେ. ନରବାହାଦୁର, କଲିକତାର ଅଲୟ ଘୋଷାଲ ଏବଂ କଟକର ପ୍ରମୋଦ ମହାନ୍ତି ୩ ଜଣ ଚିତ୍ରଶିଳ୍ପୀଙ୍କୁ ଅନ୍ତର୍ଜାତୀୟ ଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ବିଦେଶରୁ ଆସି ଭାଗ ନେଇଥିବା ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ପାଦକ ମନୋରଞ୍ଜନ ପାଣିଗ୍ରାହୀ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଓଡ଼ିଶା ଲଳିତ କଳା ଏକାଡ଼େମୀ ସମ୍ପାଦକ ମାନସ ରଞ୍ଜନ ଜେନା ଯୋଗଦେଇଥିଲେ। ସେମାନେ ଧଉଳି ଚାରୁକଳା ମହାବିଦ୍ୟାଳୟର ଏଭଳି ଏକ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।

# ୧୮ବର୍ଷ ଧରି ମିଳୁନି ଇନ୍ଦିରା ଆବାସ ଟଙ୍କା

## ଅପେକ୍ଷାରେ ୧୬୭ ହିତାଧିକାରୀ

ଗୋପ, ୧୪।୧(ଡି.ଏନ୍.ଏ.)

ଗୋପ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତର ୧୬୭ଜଣ ହିତାଧିକାରୀଙ୍କୁ ୧୮ବର୍ଷ ଧରି ଇନ୍ଦିରାଆବାସ ଗୃହ ଟଙ୍କା ମିଳୁ ନ ଥିବା ଭଳି ଗୁରୁତର ଅଭିଯୋଗ ସୋମବାର ପୁରୀ ଜିଲାପାଳଙ୍କ ନିକଟରେ ହୋଇଛି। ହିତାଧିକାରୀମାନେ ଗୃହ ନିର୍ମାଣ ସାରି ଆବଶ୍ୟକୀୟ କାଗଜପତ୍ର ବ୍ଲକ ଅଫିସ୍‌ରେ ଦାଖଲ କରିଥିଲେ ବି ଦୀର୍ଘ ୧୮ବର୍ଷ ଧରି ସେମାନଙ୍କୁ ଟଙ୍କା ମିଳୁ ନ ଥିବାରୁ ହିତାଧିକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋପ ବ୍ଲକ ପକ୍ଷରୁ ଏହି ଟଙ୍କା ପାଇଁ ବ୍ଲକ ପତ୍ର ସଂଖ୍ୟା ନମ୍ବର ୨୯ ତା୩୧।୧୨।୨୦୧୮ରେ ଜିଲା ପ୍ରଶାସନକୁ ଜଣାଇ ଦିଆଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଟଙ୍କା ଆସି ନ ଥିବା ବ୍ଲକ ପକ୍ଷରୁ ଜଣାପଡ଼ିଛି।

ପ୍ରକାଶ ଯେ, ୨୦୦୦ରୁ ୨୦୦୫ ମସିହା ମଧରେ ଗୋପ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ହିତାଧିକାରୀଙ୍କୁ ୨୨ ହଜାର, ୩୫ ହଜାର ଓ ୪୫ ହଜାର ଟଙ୍କାର ଗୃହ କାର୍ଯ୍ୟାଦେଶ ଦିଆଯାଇଥିଲା। ହିତାଧିକାରୀମାନେ କାର୍ଯ୍ୟାଦେଶ ପାଇବା ପରେ ଗୃହ ନିର୍ମାଣ ମଧ କରିଥିଲେ। ସେହି ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ଠିକ୍ ଭାବରେ ତଦନ୍ତ କରା ନ ଯିବା ସହ ବିଲ୍ କରା ନ ଯିବାରୁ ହିତାଧିକାରୀମାନେ ଟଙ୍କା ପାଇବାରୁ ବଞ୍ଚିତ ହୋଇଥିଲେ। ହିତାଧିକାରୀମାନେ ଏ ନେଇ ବାରମ୍ବାର ବ୍ଲକ୍‌କୁ ଦୌଡ଼ୁଥିଲେ ମଧ ସେମାନଙ୍କ ପ୍ରାପ୍ୟ ମିଳି ନ ଥିଲା। କେତେକ ହିତାଧିକାରୀଙ୍କୁ ଏହି ଗୃହ ଅର୍ଥ ମଧରୁ ଅଳ୍ପ ଅର୍ଥ ମିଳିଥିବା ବ୍ଲକ ପକ୍ଷରୁ ଜଣାପଡ଼ିଥିବାବେଳେ ୧୬୭ଜଣଙ୍କୁ ଟଙ୍କା ମିଳି ନ ଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୦୦ ରୁ ୨୦୦୫ ବର୍ଷ ମଧରେ ଇନ୍ଦିରା ଆବାସ ଗୃହ ନିର୍ମାଣ କରିଥିବା ହିତାଧିକାରୀମାନଙ୍କ ଅର୍ଥକୁ ବନ୍ଦ କରିଦିଆଯାଇଥିବାବେଳେ ଦୁଇ ମାସ ତଳେ ସଂପୃକ୍ତ ହିତାଧିକାରୀମାନଙ୍କୁ ଅବଶିଷ୍ଟ ବାକିଆ ଟଙ୍କା ଦେବା ଲାଗି ସରକାର ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ଲକ ପ୍ରଶାସନ ପକ୍ଷରୁ ଜିଲା ପ୍ରଶାସନକୁ ଏହି ଗୃହ ଅନୁଦାନ ଦେବା ପାଇଁ ପତ୍ର ଲେଖାଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଏହି ଅର୍ଥ ନ ଆସିବା ଫଳରେ ୧୮ବର୍ଷ ଧରି ଗୃହ ନିର୍ମାଣ କରିଥିବା ହିତାଧିକାରୀମାନଙ୍କୁ ଟଙ୍କା ମିଳି ନ ଥିବା ଭଳି ଅଭିଯୋଗ ହୋଇଛି। ହିତାଧିକାରୀମାନେ ଅବଶିଷ୍ଟ ଗୃହ ଟଙ୍କା ପାଇବା ଲାଗି ବ୍ଲକକୁ ଦୌଡ଼ୁଥିବା ଦ୍ୱାରିକା ଭୋଇ, ଶରତ ଚନ୍ଦ୍ର ଭୋଇ, ମୀନର୍ଭା ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ହିତାଧିକାରୀମାନଙ୍କ ଅର୍ଥ ଦେବା ଲାଗି ଜିଲା ପ୍ରଶାସନକୁ ପତ୍ର ଲେଖାଯାଇଛି। ଟଙ୍କା ଆସିବା ପରେ ସେମାନଙ୍କୁ ତୁରନ୍ତ ପ୍ରଦାନ କରାଯିବ।



ଠାକୁରଙ୍କୁ ମକର ଚାଉଳ ଭୋଗ ଲାଗି କରାଯାଉଛି।




କଣାସ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

■ ଚତୁର୍ଥ କଣାସ ମହୋତ୍ସବ ଉଦ୍‌ଯାପିତ

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝଲସିଲା ମଞ୍ଚ

କଣାସ, ୧୪।୧(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ମେଳଣପଡିଆରେ ଲୋକକଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଚାଲିଥିବା ୪ର୍ଥ ବାର୍ଷିକ କଣାସ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ କଣାସ ଅଞ୍ଚଳର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଝଲସି ଉଠିଥିଲା। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରସ୍ତୁତ 'ମହିମାମୟୀ ମୋ କଣାସ ଭୂଇଁ' ନୃତ୍ୟନାଟିକା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନୃତ୍ୟ ଓ ଗୀତରେ ମଞ୍ଚ ଦୁଲୁକୁଥିବାବେଳେ ମୀନା ବଜାର ଓ ବାଲୁକା କଳା ମଜା ଉଠାଇଥିଲେ ଦର୍ଶକ। ମହୋତ୍ସବ ପଡିଆରେ ଭଲ କିଣାବିକା ସାଙ୍ଗକୁ ବନ୍ଧୁତାର ଆସର ବେଶ୍ ଆନନ୍ଦଦାୟକ ଥିଲା। ଅପରାହ୍ନ ୫ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ଯୁବଶକ୍ତି ଫାଉଣ୍ଡେଶନ୍ ତରଫରୁ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ ବାହୁବଳୀ ନୃତ୍ୟ ଓ ଟ୍ରଷ୍ଟ ଦ୍ୱାରା ମନୋନୀତ କାଳାକାର ମାନଙ୍କ ଦ୍ୱାରା ସଙ୍ଗୀତ ମନକୁ ଛୁଇଁଥିଲା ବେଳେ ବନ୍ଦେ ମାତରମ୍, ଶିବ ତାଣ୍ଡବ ଓ ଗଣେଶ ବନ୍ଦନା ବେଶ୍ ଆକର୍ଷଣୀୟ ହୋଇଥିଲା। ଏକକ ସଙ୍ଗୀତ, ଦଳଗତ ନୃତ୍ୟ ଓ ମ୍ୟାଜିକ୍ ଶୋ' ମଧ ପରିବେଷଣ କରାଯାଇଥିଲା। ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପରେ ଟ୍ରଷ୍ଟର ସମ୍ପାଦକ ସୁବର୍ଣ୍ଣକେଶରୀ ବଳିୟାରସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ଶ୍ରୀଧର ଦାସଙ୍କ ବାଲୁକା କଳା, କଣାସର ବୀର ଓ ବରପପୁତ୍ର ମାନଙ୍କର ଫଟୋ ଓ ପୁସ୍ତକ ପ୍ରଦର୍ଶନୀ ସାଙ୍ଗକୁ ଲେଖକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମହୋତ୍ସବ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା

## 'ଝରକା' ଲୋକାର୍ପିତ

ଭୁବନେଶ୍ୱର,୧୪।୧(ବ୍ୟୁରୋ)

ଓଡ଼ିଶାର ନୂଆ ଓ ପୁରୁଣା କାହାଣୀକୁ ଲୋକଙ୍କ ନିକଟରେ ଉପସ୍ଥାପନ କରିବା ଲକ୍ଷ୍ୟରେ ଡିଜିଟାଲ ସାମାଜିକ ଗଣମାଧମ 'ଝରକା'ର ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଔପଚାରିକ ଭାବେ ଝାରକାର ୱେବ୍ ପୋର୍ଟାଲ୍, ଫେସ୍‌ବୁକ୍, ୟୁଟ୍ୟୁବ୍ ଓ ଇନ୍‌ଷ୍ଟାଗ୍ରାମ ଚ୍ୟାନେଲର ଲୋକାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତ୍ରୀ ପ୍ରକୃତି ମିଶ୍ର ଯୋଗଦେଇ 'ଝରକା'ର ଲୋକାର୍ପଣ କରିଥିଲେ। ଇନ୍‌ହାଉସ୍ ସୁଟ୍ ଓ ପୋଷ୍ଟ ପ୍ରଡକ୍ସନ ସାମଗ୍ରୀ, କ୍ରୋମା ଷ୍ଟୁଡିଓ, ଷ୍ଟେଟ୍ ଅଫ୍-ଦ-ଆର୍ଟ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଦିକୁ ନେଇ ଗଠିତ ଦଳ ସହିତ ଝରକାକୁ ସାମାଜିକ ଗଣମାଧମ ବିଷୟବସ୍ତୁ, କାର୍ଯ୍ୟକ୍ରମ ଓ ଏନ୍‌ଗେଜମେଣ୍ଟ ଆଦିକୁ ପୁନଃବିଶ୍ଳେଷଣ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏହାର କାର୍ଯ୍ୟକ୍ରମଗୁଡ଼ିକ ମଧରେ କଥା କିଛି, ରାଗ କେଦାର, କହେ ହଳଧାରା, ଜଣେ କେହି, କଥା କବିତା, ମୋ ନୂଆ ଓଡ଼ିଶା, ଝରକା ରାଉଣ୍ଡଅପ୍ ୨୦୧୮, ଓଡ଼ିଶାର ଫେସ୍‌ବୁକ୍ ସୁପରଷ୍ଟାର ଭଳି ବିଷୟମାନ ରହିଛି।

## ବଟେଶ୍ୱର ମହାଦେବଙ୍କ ମକର ମେଳା

କୋଣାର୍କ, ୧୪।୧(ଡି.ଏନ୍.ଏ.)

କୋଣାର୍କ ନିକଟସ୍ଥ ବାଲିଦୋକାନରେ ଅବସ୍ଥିତ ବଟେଶ୍ୱର ମହାଦେବଙ୍କ ପବିତ୍ର ମକର ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମକର ମେଳା ଉପଲକ୍ଷେ ପ୍ରତ୍ୟୁଷରୁ ସନ୍ଧ୍ୟା ଯାଏ ଭକ୍ତଙ୍କ ସମାଗମ ଲାଗି ରହିଥିଲା। ନିକଟସ୍ଥ ଗୋଧନପଡ଼ା, ଛଡାସିଂହ, କାକରପୁଟ, ରଇତିସାହି, ଖନ୍ଦୋଳ ଓ ଗୟଳର ଆରାଧ୍ୟ ଦେବତାମାନଙ୍କୁ ସୁସଜ୍ଜିତ ବିମାନରେ ଅଣାଯାଇ ମହାଦେବଙ୍କ ସମ୍ମୁଖରେ ସ୍ଥାପନା କରାଯାଇ ଦେବନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ବିଭିନ୍ନ ନୀତି ସମାପନ ପରେ ମହାଦେବଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ମହାଦେବଙ୍କ ପୂଜାରୀମାନେ ମକର ଚାଉଳ ଭୋଗ ଲଗାଇବା ସହ ମନ୍ଦିର ଦଧିନଉତିରେ ନୂତନ ପତାକା ଲଗାଇବା ସହ ମନ୍ଦିରକୁ ସୁସଜ୍ଜିତ କରାଇଥିଲେ। ପରେ ପରେ ୬ଟି ଗାଁରୁ ଆସିଥିବା ଠାକୁରଙ୍କୁ ମନ୍ଦିର ବେଢାରେ ପରିକ୍ରମା କରାଯାଇଥିଲା। ଏହି ମେଳାରେ ଆଖ ପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ମକର ବୁଡ ପକାଇବା ସହିତ ମେଳା ଭ୍ରମଣ କରିଥିଲେ। ଏହି ମେଳା ଉପଲକ୍ଷେ ସ୍ଥାନୀୟ ଖନ୍ଦୋଳ ଡ୍ରାମାଟିକ କ୍ଲବ ପକ୍ଷରୁ ନାଟକ 'ଗୁପ୍ତ ସମ୍ପର୍କ' ମଞ୍ଚସ୍ଥ ହୋଇଥିଲା। ଏହି ମେଳାକୁ ଦେବ ପ୍ରଶାଦ ଦାଶ, ଶିବ ଦାଶ, ବିଜୟ ପାଢୀ, କବି ପାଢୀ, ଜତିନ୍ଦ୍ର ପାଢୀ, ତପନ ପାଢୀ, ବଟକୃଷ୍ଣ ପାଢୀ,ମଙ୍ଗୁଳି ପାଢୀ, କାଳନ୍ଦି ପାଢୀ, ଅଭୟ ବିଶ୍ୱାଳ, ଜ୍ଞାନ ବିଶ୍ୱାଳ, ଅମରେଶ୍ୱର ମହାରଣା, ଦାମ ମହାରଣା ପ୍ରମୁଖ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଅର୍କ କ୍ଷେତ୍ର କୋଣାର୍କରେ ବିଭିନ୍ନ ଶୈବ ପିଠ ସହ ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଥିଲା।

## ସାଇ ଇଣ୍ଟିଗ୍ରାଲ ସ୍କୁଲର ବାର୍ଷିକୋତ୍ସବ

ପିପିଲି,୧୪।୧(ଡି.ଏନ୍.ଏ.)

ପିପିଲି ସାଇ ଇଣ୍ଟିଗାଲ ସ୍କୁଲର ତ୍ରୟୋଦଶତମ ବାର୍ଷିକୋତ୍ସବ ସୋମବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପିପିଲି ଏସଡିପିଓ ଦିଲୀପ କୁମାର ତ୍ରିପାଠୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ସମ୍ମାନିତ ଅତିଥି ପିପିଲି ଥାନାର ଆଇଆଇସି ଶରତ କୁମାର ସାହୁ, ଅନୁଷ୍ଠାନର ସମ୍ପାଦକ ଦିଲୀପ କୁମାର ରଥ, ଅନୁଷ୍ଠାନର ଅଧକ୍ଷ ସୁନନ୍ଦା ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ଶିଶୁମାନଙ୍କୁ ଉଚିତ ମାର୍ଗ ଦେଖିବାକୁ ହେଲେ କେବଳ ବିଦ୍ୟାଳୟ ନୁହେଁ ପରିବାରର ବଡ଼ ଭୂମିକା ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମା'କାଳିଜାଈଙ୍କ ପୀଠରେ ମକରମେଳା

■ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ବାଲୁଗାଁ/କୃଷ୍ଣପ୍ରସାଦ, ୧୪।୧ (ଡି.ଏନ.ଏ.)

ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା'କାଳିଜାଈଙ୍କ ପୀଠରେ ସୋମବାର ପାରମ୍ପରିକ ମକରମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଦେଖିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ମଧାହ୍ନରେ ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମାନସିଂହ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରାସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ। ଏହାପରେ ରାଜକୀୟ ପରମ୍ପରାକ୍ରମେ ଢ଼ୋଲ, ଭେରି, ତୁରି, ମହୁରି, କାହାଳି ଆଦି ଧ୍ୱନିରେ ତାଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନିଆଯାଇଥିଲା। ଯୁବରାଜ ମା'ଙ୍କ ପୀଠରେ ଛେରାପହଁରା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମକର ଭୋଗ ଲାଗି ହୋଇଥିଲା । ଏହି ଅବସରରେ ଉପସ୍ଥିତ ସହସ୍ରାଧିକ ମତ୍ସ୍ୟଜୀବୀ ମା' କାଳିଜାଈଙ୍କ ଆଶୀର୍ବାଦ କାମନା କରି ନିଜ ନିଜ ଡ଼ଙ୍ଗାରେ ବିଜୟ ବାନା ଉଡ଼ାଇଥିଲେ । ବିପଦ ଆପଦ ବେଳେ ଚିଲିକା ମଧ୍ୟରେ ମା' ଏକମାତ୍ର ସାହାଭରସା ବୋଲି ମତ୍ସ୍ୟଜୀବୀଙ୍କ ମଧ୍ୟରେ ଅଗାଧ ବିଶ୍ୱାସ ରହିଛି ।

ସୋମବାର ଭୋରରୁ ମା'ଙ୍କ ପୀଠକୁ ବାଲୁଗାଁ, ବଡ଼କୁଳ, ନଇରୀ, କୃଷ୍ଣପ୍ରସାଦ, ପାରିକୁଦ, ସାତପଡା ଓ ବ୍ରହ୍ମଗିରି ଅଞ୍ଚଳରୁ ଡଙ୍ଗା ସାହାଯ୍ୟରେ ଯାତ୍ରୀଙ୍କ ଆଗମନ ହୋଇଥିଲା । ଯାତାୟାତ ନିମନ୍ତେ ବାଲୁଗାଁ ଚିଲିକା କୂଳରୁ ମା' କାଳିଜାଈ ମୋଟର ବୋଟ୍ ଆସୋସିଏଶନ୍, ବଡ଼କୁଳ ପାନ୍ଥନିବାସ ନିକଟରୁ ସରକାରୀ ଓ ଘରୋଇ ଡ଼ଙ୍ଗା ମାଲିକ ସଂଘ ତରଫରୁ ବହୁ ସଂଖ୍ୟାରେ ଡ଼ଙ୍ଗା ବ୍ୟବସ୍ଥା କରାଯାଇଥିଲା । ଶାନ୍ତିଶୃଙ୍ଖଳା ପାଇଁ ମା'ଙ୍କ ପୀଠରେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଏହାସହ କୌଣସି ଅଘଟଣ ଏଡାଇବା ନିମନ୍ତେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀ ସଜାଗ ରହିଥିଲେ । ଚିଲିକା ମଧ୍ୟରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନ ଘଟେ ସେଥିପାଇଁ ଓଡ୍ରାଫ୍ଟ ଟିମ୍ ଦିନତମାମ ଚିଲିକା ଜଳରାଶିରେ ପଇଁତରା ମାରୁଥିବା ଦେଖାଯାଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ ଓ ଅନ୍ୟାନ୍ୟ ସେବା ସହାୟତା ଯୋଗାଇ ଦିଆଯାଇଥିଲା।

ସେହିପରି ମା' ମେଘାମ୍ବେରୀ ପୀଠ, ମା' ନାରାୟଣୀ, ବାଣପୁର ମାଳ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଈ, ମା' ତାରିଣୀ, ମା' ଡ଼ୋମଣୀ, ଘଣ୍ଟଶିଳା ପାଦ ଦେଶରେ ଅବସ୍ଥାପିତ ମହାବୀରଙ୍କ ପୀଠ, ଐତିହାସିକ ପଲଟଣ ପଡ଼ିଆସ୍ଥିତ ବ୍ରହ୍ମେଶ୍ୱର ଦେବ ପୀଠ ଓ ଗମ୍ଭାରୀମୁଣ୍ଡା ନିକଟ ବାଙ୍କନିଧି ଦେବଙ୍କ ପୀଠରେ ମଧ୍ୟ ମକରମେଳା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ସମସ୍ତ ପୀଠରେ ଶାନ୍ତିଶୃଙ୍ଖଳା ପାଇଁ ବାଲୁଗାଁ ଓ ବାଣପୁର ପୋଲିସ ପକ୍ଷରୁ ବ୍ୟାପକ ଫୋର୍ସ ନିୟୋଜିତ କରାଯାଇଥିଲା । ରାତ୍ରିତମାମ ସମସ୍ତ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।



ମକର ସଂକ୍ରାନ୍ତି ପାଇଁ କାଳିଜାଈ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

## ୧୯୬୬ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

କଣାସ, ୧୪।୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ସର୍ବପୁରାତନ ଉଚ୍ଚବିଦ୍ୟାଳୟ ମହତାବ ହାଇସ୍କୁଲର ୧୯୬୬ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନଛାତ୍ର ଶିକ୍ଷାବିତ୍ ଗଗନବିହାରୀ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ଅଭିନ୍ନାନନ୍ଦ ପ୍ରଧାନ, ନିର୍ମଳ ହାତୀ, ଅର୍ଜ୍ଜୁନ ପ୍ରଧାନ, ଉଲ୍ଲାସ ପାଟଶାଣୀ, ବସନ୍ତ ବାହିନୀପତି, କୁନ୍ତଳା ବିଶ୍ୱାଳ, ଭାଗୀରଥୀ ବାରିକ ପ୍ରମୁଖ ୩୨ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ୫୨ବର୍ଷ ପୂର୍ବର ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସ୍ମୃତିଚାରଣ କରିଥିଲେ। ୯ମ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ୩ଜଣ ଛାତ୍ରଙ୍କୁ ନଗଦ ଟଙ୍କା ପୁରସ୍କାର ଓ ଆଶୀଷ ପତ୍ର ପ୍ରଦାନ କରାଯାଇଥିଲା।



ମହାପ୍ରଭୁଙ୍କ ନବାଙ୍କବେଢ଼ା ଲାଗି ଉତ୍ତରପାର୍ଶ୍ୱ ମଠରେ ସୋମବାର ମକରଚାଉଳ ପ୍ରସ୍ତୁତ କରାଯାଉଛି ।

# ମହିଳା ଆର୍‌ଆଇଙ୍କୁ ଧମକପୂର୍ଣ୍ଣ ଚିଠି

■ସଂଘ ପକ୍ଷରୁ ଆନ୍ଦୋଳନ ଦାବି

■ସୁରକ୍ଷା ପାଇଁ ଜିଲା ପ୍ରଶାସନ, ପୋଲିସକୁ ଅଗବତ କଲେ ତହସିଲଦାର

ନିମାପଡ଼ା,୧୪।୧(ଡି.ଏନ୍.ଏ.)

ନିମାପଡ଼ା ତହସିଲ ଅନ୍ତର୍ଗତ ଖେଲାର ରାଜସ୍ୱ ସର୍କଲର ମହିଳା ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ରୋଜାଲିନ ପ୍ରଧାନଙ୍କୁ କିଛିଦିନ ପୂର୍ବରୁ ମାଡମାରିଥିବା ଘଟଣା ସମାଧାନ ନ ହେଉଣୁ ସୋମବାର ପୁଣି ଏକ ଧମକପୂର୍ଣ୍ଣ ଚିଠି ମିଳିଛି। ଚିଠିରେ ଆରଆଇଙ୍କୁ ହତ୍ୟା ଧମକ ସହ ତାଙ୍କର ବହୁ କ୍ଷତି ହେବାର ଲେଖାଯାଇଛି। ଚିଠିଟି ସକାଳେ ଅଫିସ ଆଗରେ ପାଇଥିଲେ। ଏଭଳି ଚିଠି ପାଇ ଆରଆଇ ପ୍ରଧାନ ଭୟଭୀତ ହୋଇଯାଇଛନ୍ତି। ଏ ସମ୍ପର୍କରେ ସେ ଆରଆଇ ସଂଘ କର୍ମକର୍ତ୍ତାଙ୍କ ସହ ନିମାପଡ଼ା ଏସ୍‌ଡିପିଓ ଶରତ ମିଶ୍ରଙ୍କୁ ମିଶି ଘଟଣା ସବୁ ଜଣାଇଥିଲେ। ଏ ନେଇ ତହସିଲଦାର କମଳଜିତ ଦାସ କୁହନ୍ତି, ଆରଆଇ ପ୍ରଧାନଙ୍କ ସୁରକ୍ଷା ଯୋଗାଇଦେବା ସହ ଧମକପୂର୍ଣ୍ଣ ଚିଠି ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୁରୀ ଜିଲା ପ୍ରଶାସନ, ଏସଡିପିଓ ଓ ଆଇଆଇସିଙ୍କୁ ଅବଗତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏସ୍‌ଡିପିଓ ଶରତ ମିଶ୍ର କୁହନ୍ତି, ଉକ୍ତ ଚିଠି ଦେଇଥିବା ବ୍ୟକ୍ତିଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଛି।

ସୂଚନାଯୋଗ୍ୟ ଯେ, ଗତ ୮/୯ତାରିଖରେ ଏକ ପରିବାର ଜାଲପଟ୍ଟା ଓ ଜାଲିଆତି କାଗଜପତ୍ର ଦର୍ଶାଇ ଝିଅର ପ୍ରମାଣପତ୍ର ନେବା ପାଇଁ ମହିଳା ଆରଆଇଙ୍କ ଉପରେ ଚାପ ପକାଇ ଥିଲେ। କିନ୍ତୁ ଆର୍‌ଆଇ ଜଣକ ରାଜି ନ ହେବାରୁ ପରିବାରର ୪ଜଣ ବ୍ୟକ୍ତି ଆରଆଇଙ୍କ କାର୍ଯ୍ୟାଳୟରେ ପଶି ତାଙ୍କୁ ମାଡମାରିବା ସହ ହତ୍ୟା ଧମକ ଦେଇଥିଲେ। ଏହି ଘଟଣାକୁ ୫ଦିନ ନପୂରୁଣୁ ପୁଣି ଧମକପୂର୍ଣ୍ଣ ଚିଠି ଘଟଣାରେ ସନ୍ଦେହ ସୃଷ୍ଟି କରୁଛି। ଆସନ୍ତା ୨୪ ଘଣ୍ଟା ମଧରେ ଚିଠି ଦେଇଥିବା ଓ ମାଡ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ୧୫ଜଣ ଆର୍‌ଆଇ ସଂଘ କଲମଛାଡ, କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସଂଘ ସଭାପତି ମନୋଜ ପରିଡା, ସମ୍ପାଦକ ଜୀବନକ୍ରିଷ୍ଣା ପରିଡା ସୂଚନା ଦେଇଛନ୍ତି। ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି।